

ଚତୁର୍ଥ ବର୍ଷ ● ଷଷ୍ଠ ସଂଖ୍ୟା
ସେପ୍ଟେମ୍ବର-ଅକ୍ଟୋବର, ୨୦୧୯

ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)




ଶ୍ରୁତିନ୍ୟାସ ପକ୍ଷରୁ ଆୟୋଜିତ ୧୧ଦଶ ଜୀବନ ନିର୍ମାଣ ଶିବିର ଅବସରରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା 'ସତ୍ୟାର୍ଥ ପ୍ରକାଶ'ର ଓଡ଼ିଆ ଅନୁବାଦ (ଉତ୍ତରାର୍ଦ୍ଧ) ଉନ୍ମୋଚିତ । ମଞ୍ଚାସୀନ ଅଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂଜ୍ୟ ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ, ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଓ ଆଚାର୍ଯ୍ୟ ପ୍ରିୟେଶ ।



ନିମାଇଁ ଚରଣ ସ୍ୱାଇଁଙ୍କୁ ଶ୍ରୁତିଭଗୀରଥ ସମ୍ମାନ



ଇଂ. ନାରାୟଣ ପଣ୍ଡାଙ୍କୁ ଶ୍ରୁତିସୁଧାସେଚକ ସମ୍ମାନ




ପଙ୍କଜ ମେହେରଙ୍କୁ ଶ୍ରୁତିସୁଧାସେଚକ ସମ୍ମାନ



ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ଶ୍ରୁତିଭଗୀରଥ ସମ୍ମାନ



ଇଂ. ଦୟାସାଗର ସାହୁଙ୍କୁ ଶ୍ରୁତିସୁଧାସେଚକ ସମ୍ମାନ



ଆର୍. ମୋହନ ରେଡ୍ଡୀଙ୍କୁ ଶ୍ରୁତିସୁଧାସେଚକ ସମ୍ମାନ



ଶ୍ରୀବତ୍ସ ପାଣିଗ୍ରାହୀଙ୍କୁ ଶ୍ରୁତିସୁଧାସେଚକ ସମ୍ମାନ



ଶୁଭଶ୍ରୀ ମହାପାତ୍ରଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ରାଜେନ୍ଦ୍ର ଭୂୟାଁଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ପରୀକ୍ଷିତ ଶାସ୍ତ୍ରୀଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ

**ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି ।** (ଅଥର୍ବ.୧:୧:୪)

**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା

(ଦ୍ୱିମାସିକ)

❁

ପ୍ରତିଷ୍ଠାତା

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❁

ସମ୍ପାଦକ

**ପଦ୍ମନାଭ ସ୍ୱାଇଁ**

❁

ପରିଚାଳନା ସମ୍ପାଦକ

**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

❁

ସହ ସମ୍ପାଦକ

**ଆନନ୍ଦ ସାମନ୍ତରାୟ**

**ଦୁଷ୍ମନ୍ତ କିଶୋର ସ୍ୱାଇଁ**

❁

ପରିଚାଳନା ମଣ୍ଡଳୀ

**ଇଂ. ଇ. କୁମାର ସ୍ୱାମୀ**

**ଦଣ୍ଡପାଣି ମିଶ୍ର**

**ନିମାଇଁ ଚରଣ ସ୍ୱାଇଁ**

**ଗୌରଚନ୍ଦ୍ର ଦାସ**

**ଡଃ. ଲଳିତମଞ୍ଜରୀ ସାହୁ**

❁

କାର୍ଯ୍ୟାଳୟ

**ଶ୍ରୁତିନ୍ୟାସ**

**ଏଚ୍.ଆଇ.ଜି-୧୫୨, ଫେଜ୍-୭**

**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**

ଚ.ଭା. : ୯୩୩୭୧୦୩୭୮୨, ୯୮୬୧୩୫୮୯୭୭

E-mail : shrutisourabha@gmail.com

Website : www.shrutinyasa.org

**ସଦସ୍ୟତା ଶୁଳ୍କ**

ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-

ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**

Spiritual Social Vedic Magazine

Bimonthly

Vol-4, Issue-6, Sept-Oct. 2019

**Webpage:**

**http://www.thearyasamaj.org/shrutisourabha**


## ସୂଚୀପତ୍ର


| | | |
|---|---|---|
| ୦୧. | ଉପନୟନ ସଂସ୍କାର | ୦୨ |
| ୦୨. | ମୃତ୍ୟୁ ଓ ତା'ପରେ | ୧୯ |
| ୦୩. | ସତ୍ୟାର୍ଥ ପ୍ରକାଶ | ୨୨ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ଉପନୟନ ସଂସ୍କାର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ପ୍ର.କ. —** ଉପନୟନ ସଂସ୍କାର ବା ବ୍ରତଘର କହିଲେ କ'ଣ ବୁଝାଯାଏ ?

**ସ୍ୱାମୀଜୀ —** ସଂସ୍କାର ଅର୍ଥ କୌଣସି ବସ୍ତୁକୁ ପରିଷ୍କାର କରିବା, ସୁନ୍ଦର କରିବା, ତା'ର ଗୁଣବତ୍ତା ବୃଦ୍ଧି କରିବା । ମଣିଷକୁ ଷୋହଳ ଥର ସଂସ୍କାରିତ କରିବା ପାଇଁ ଆମ ଋଷିମାନେ କହିଛନ୍ତି । ସେହି ଷୋହଳଟି ସଂସ୍କାର ଭିତରୁ ଇଏ ଗୋଟିଏ ସଂସ୍କାର - 'ଉପନୟନ ସଂସ୍କାର' । 'ଉପନୟନ' ଏକ ସଂସ୍କୃତ ଶବ୍ଦ । ଏହି ଛୋଟିଆ ଶବ୍ଦରେ ବହୁତ ଗମ୍ଭୀର ଅର୍ଥ ନିହିତ ଅଛି । 'ଉପ'ର ଅର୍ଥ ସମୀପ, ନିକଟ । 'ନୟନ' ଅର୍ଥ କ'ଣ ?

**ପ୍ର.କ. —** ଆଖି ।
**ସ୍ୱାମୀଜୀ —** ଆଚ୍ଛା ! ଦର୍ଶନ ଅର୍ଥ କ'ଣ ?
**ପ୍ର.କ. —** ଦେଖିବା ।
**ସ୍ୱାମୀଜୀ —** ଶ୍ରବଣ ଅର୍ଥ ?
**ପ୍ର.କ. —** ଶୁଣିବା ।
**ସ୍ୱାମୀଜୀ —** କଥନ ଅର୍ଥ ?
**ପ୍ର.କ. —** କହିବା ।
**ସ୍ୱାମୀଜୀ —** ଗମନ ଅର୍ଥ କ'ଣ ?
**ପ୍ର.କ. —** ଯିବା ।

**ସ୍ୱାମୀଜୀ —** ଯେମିତି ଦର୍ଶନ ଅର୍ଥ ଦେଖିବା, ଶ୍ରବଣ ଅର୍ଥ ଶୁଣିବା, କଥନ ଅର୍ଥ କହିବା, ଗମନ ଅର୍ଥ ଯିବା, ସେମିତି ନୟନ ଅର୍ଥ କ'ଣ ହେବ ? ନୟନ ଅର୍ଥ ହେବ ନେବା ।

ଅତଃ ଉପନୟନର ଅର୍ଥ ହେଲା ନିକଟକୁ ନେବା, ପାଖକୁ ନେବା । ଏଇଠି ପୁଣି ପ୍ରଶ୍ନ ଉଠିବ ଯେ କାହା ପାଖକୁ ନେବା ? କାହାକୁ ନେବା ? କାହିଁକି ନେବା ? ଆଚ୍ଛା, ଆମେ କାହା ପାଖକୁ ଯାଉ ?

**ପ୍ର.କ. —** ଯେତେବେଳେ ଯେଉଁଠି ଦରକାର ଥାଏ, ଯେଉଁମାନଙ୍କ ପାଖରେ ଆବଶ୍ୟକତା ଥାଏ ଆମେ ସେତେବେଳେ ସେଠିକି, ସେମାନଙ୍କ ପାଖକୁ ଯାଉ ।

**ସ୍ୱାମୀଜୀ —** ଅର୍ଥାତ୍ ଯେତେବେଳେ ଯେଉଁଠି ଆମର ଆବଶ୍ୟକତା ପୂର୍ଣ୍ଣ ହେବାର ସମ୍ଭାବନା ଥାଏ, ସେତେବେଳେ ସେଇଠିକି ଆମେ ଯାଉ । ଆମର ଆବଶ୍ୟକତା ବହୁତ । ତେଣୁ ଜୀବନ କାଳ ଭିତରେ ଆମେ ବହୁତ ପଦାର୍ଥର ନିକଟକୁ ଯାଉଛେ । ଯଥା— ଭୋକ ଲାଗିଲେ ଖାଦ୍ୟ ନିକଟକୁ ଯାଉଛେ, ଶୋଷ ଲାଗିଲେ ପାନୀୟ ନିକଟକୁ ଯାଉଛେ, ନିଦ ଲାଗିଲେ ଶଯ୍ୟା ନିକଟକୁ ଯାଉଛେ । ଆମ ଜୀବନକାଳ ଭିତରେ, ଯେବେଠୁ ଆମେ ସଂସାରରେ ଜନ୍ମ ହେଲେ ସେବେଠାରୁ, ଆମେ ବହୁତ ପଦାର୍ଥ ନିକଟକୁ ଯାଇଛେ, ତଥାପି ଆମର ସମସ୍ତ ଆବଶ୍ୟକତା ପୂର୍ଣ୍ଣ ହୋଇନାହିଁ ।

**ପ୍ର.କ. —** ନା, ହୋଇନାହିଁ ।

**ସ୍ୱାମୀଜୀ —** ତେଣୁ ଆମେ ଆବଶ୍ୟକତା ପୂର୍ଣ୍ଣ ପାଇଁ ନିରନ୍ତର ଅନେକ ପଦାର୍ଥ ନିକଟକୁ ଯାଇଚାଲିଛେ । ଗୋଟିଏ ଆବଶ୍ୟକତା ପୂର୍ଣ୍ଣ ହେବା ବେଳକୁ ଫେରେ ଆଉ ଗୋଟିଏ ନୂଆ ଆବଶ୍ୟକତା ଦେଖାଦେଉଛି, ନୂଆ ସମସ୍ୟା ଆସୁଛି । ତା'ର ସମାଧାନ ପାଇଁ ଆମେ ପୁଣି ଆଉ କୋଉଠିକୁ ଯାଉଛେ ।

ଋଷିମାନେ ଏ ବିଷୟରେ ବିଚାର କଲେ ଯେ ଏମିତି କ'ଣ ସତ୍ତା ଏ ସଂସାରରେ ଅଛି ଯେଉଁଠିକି ଗଲେ, ଯାହାକୁ ପ୍ରାପ୍ତ କଲେ, ଆଉ ଆବଶ୍ୟକତା କିଛି ରହିବନି ଏବଂ

ବ୍ୟକ୍ତି କୃତକୃତ୍ୟ ହୋଇ କହିବ — **'ପ୍ରାପ୍ତଂ ପ୍ରାପଣୀୟମ୍'** — ଯାହା ପାଇବାର ଥିଲା ସବୁ ପାଇଗଲି । ଋଷିମାନେ ନିଜ ସାଧନାଜନ୍ୟ ଅନୁଭୂତି, ଶାସ୍ତ୍ରର ଶ୍ରବଣ-ମନନ-ନିଦିଧ୍ୟାସନ ଆଧାରରେ ଏ ନିଷ୍କର୍ଷ ଦେଲେ ଯେ କେବଳ ପରମପିତା ପରମାତ୍ମା ଯେହେତୁ ସମସ୍ତ ଆନନ୍ଦର ଆଧାର ଅଟନ୍ତି, ତେଣୁ ଆମେ ଯଦି ଭଗବାନଙ୍କ ନିକଟକୁ ଯିବା, ଈଶ୍ୱରଙ୍କୁ ପ୍ରାପ୍ତ କରିନେବା ତେବେ ସୁଖ ଭୋଗ କରିବା ନିମିତ୍ତ ଆମର ଆଉ କୌଣସି ପଦାର୍ଥର ଆବଶ୍ୟକତା ରହିବ ନାହିଁ । ଆନନ୍ଦ ପ୍ରାପ୍ତିର ସବୁ ଆବଶ୍ୟକତା ସେଇଠି ପୂର୍ଣ୍ଣ ହୋଇଯିବ । ଏଇଠି ପୁଣି ପ୍ରଶ୍ନ ଆସୁଛି କି ତେବେ ଭଗବାନ କୋଉଠି, କେତେ ଦୂରରେ ଅଛନ୍ତି ଯେ ଆମେ ତାଙ୍କ ପାଖକୁ ଯିବା ? ଶାସ୍ତ୍ରରେ କୁହାଯାଇଛି କି ଦୂରତା ତିନି ପ୍ରକାରର ।

**ପ୍ର.କ. —** ଦୂରତା ତିନି ପ୍ରକାରର ? କ'ଣ, କ'ଣ ?

**ସ୍ୱାମୀଜୀ —** ଦେଶଗତ ଦୂରତା, କାଳଗତ ଦୂରତା ଓ ଜ୍ଞାନଗତ ଦୂରତା ।

**୧. ଦେଶଗତ ଦୂରତା —** ଦେଶ ଅର୍ଥାତ୍ ସ୍ଥାନ । ଦୁଇଟି ପଦାର୍ଥ, ଗୋଟିଏ ଏଇଠି ଅଛି ଏବଂ ଆଉ ଗୋଟିଏ ଆଉ ଟିକିଏ ଦୂରରେ ଅଛି । ଏ ଦୁଇଟି ଭିତରେ ଥିବା ଦୂରତା ହେଲା ଦେଶଗତ ବା ସ୍ଥାନଗତ ଦୂରତା ।

**୨. କାଳଗତ ଦୂରତା —** ଗୋଟିଏ ଜିନିଷ ଆଜି ନାହିଁ । ୨-୩ ମାସ ପରେ ଆସିବ । ବର୍ତ୍ତମାନ ଠାରୁ ସେ ସମୟର ଦୂରତା ହେଲା କାଳଗତ ଦୂରତା । ଯଥା— ବର୍ତ୍ତମାନ ଜୁଲାଇ-ଅଗଷ୍ଟ ମାସ ଚାଲିଛି । ନଭେମ୍ବର-ଡିସେମ୍ବର ଅଡ଼କୁ ଶୀତ ଆସିବ । ତେଣୁ ଆମେ କହୁ କି ଶୀତ ଏବେ ଦୂରରେ ଅଛି । ସେହିପରି ଯଦି ବର୍ତ୍ତମାନ ଅକ୍ଟୋବର-ନଭେମ୍ବର ମାସ ଚାଲିଛି, ଆମେ କହୁ କି ଖରା ତ ଏବେ ବହୁତ ଦୂରରେ ଅଛି । ଇଏ ହେଉଛି କାଳଗତ ଦୂରତା ।

**୩. ଜ୍ଞାନଗତ ଦୂରତା —** ଯେଉଁ ପଦାର୍ଥକୁ ଆମେ ଜାଣିନାହେଁ ତାହା ସ୍ଥାନ ଦୃଷ୍ଟିରୁ ପାଖରେ ଥିଲେ ବି ଜ୍ଞାନ ଦୃଷ୍ଟିରୁ ଦୂରରେ । କୌଣସି କାର୍ଯ୍ୟ ଯଦି ଆମକୁ ଜଣାନାହିଁ ତେବେ ଆମେ ସେହି ଜ୍ଞାନ ଠାରୁ ଦୂରରେ । ଏହାକୁ କହନ୍ତି ଜ୍ଞାନଗତ ଦୂରତା । ଯଦି ମୋତେ କେହି ଆସି କହିବ — "ସ୍ୱାମୀଜୀ ! ଆସନ୍ତୁ, ହାରମୋନିୟମ୍ କି ତବଲା ଟିକିଏ ବଜାଇଦେବେ ।" ମୁଁ ଉତ୍ତର ଦେବି — 'ବାବୁ ! ଏ ହାରମୋନିୟମ୍-ତବଲା ଠାରୁ ମୁଁ ବହୁ ଦୂରରେ ।' ଏହାର ଅର୍ଥ କ'ଣ ? ଏହାର ଅର୍ଥ ମୋତେ ହାରମୋନିୟମ୍-ତବଲା ବଜାଇବା ଜଣାନାହିଁ । ତେଣୁ ଜ୍ଞାନଗତ ଦୂରତା ଅର୍ଥ ଯେଉଁ ପଦାର୍ଥ, କାର୍ଯ୍ୟ ସମ୍ପର୍କରେ ଆମର ଜ୍ଞାନ ନାହିଁ ।

ଭଗବାନ ଆମଠାରୁ ଦେଶ ଦୃଷ୍ଟିରୁ, ସ୍ଥାନ ଦୃଷ୍ଟିରୁ ଦୂରରେ ନାହାନ୍ତି । କିଛି ଲୋକ ସିନା କାର୍ତ୍ତିକ ମାସର ୨୫ ଦିନ ପର୍ଯ୍ୟନ୍ତ ତାଙ୍କ ଗାଁ-ସହରରେ ଥିବା ଜଗନ୍ନାଥ ମନ୍ଦିରକୁ ଠାକୁର ଦର୍ଶନ ପାଇଁ ଯାଉଥିବା ବେଳେ, ଅଜ୍ଞାନତା ଆଧାରରେ ଆଉ ବାକି ପଞ୍ଚୁକର ୫ ଦିନ ପୁରୀର ଜଗନ୍ନାଥ ମନ୍ଦିରକୁ ଦୌଡ଼ନ୍ତି ପ୍ରକୃତ ଜଗନ୍ନାଥ ପୁରୀରେ ଅଛନ୍ତି, ତାଙ୍କ ଗାଁ-ସହରରେ ଥିବା ଜଗନ୍ନାଥ ମନ୍ଦିରରେ ନାହାନ୍ତି ବୋଲି ଭାବି; କିନ୍ତୁ ବାସ୍ତବରେ ଯିଏ ଜଗତର ନାଥ, ଯିଏ ବାସ୍ତବିକ ଜଗନ୍ନାଥ ସିଏ ତ ଜଗତର ସବୁଠି ଅଛନ୍ତି, ସିଏ କେବଳ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଅବସ୍ଥାନ କରନ୍ତି ନାହିଁ, ନିର୍ଦ୍ଦିଷ୍ଟ ସ୍ଥାନରେ ସୀମାବଦ୍ଧ ନୁହନ୍ତି । ତାଙ୍କ ଦର୍ଶନ ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବାର ଆବଶ୍ୟକତା ନାହିଁ । ପରମପିତା ପରମାତ୍ମା ସର୍ବବ୍ୟାପକ । ଆମେ ଯେଉଁଠି ଅଛେ, ଭଗବାନ ବି ସେଇଠି ଅଛନ୍ତି । ମୁଁ ଯେଉଁଠି, ମୋ ଭଗବାନ ମଧ୍ୟ ସେଇଠି ଅଛନ୍ତି । ଆମେ ଉତ୍ତମ ରୂପେ ଏ କଥା ବୁଝି ନ ଥିବାରୁ ଈଶ୍ୱରଙ୍କ ଦର୍ଶନ-ପ୍ରାପ୍ତି ପାଇଁ ଏଠିକି-ସେଠିକି ଦୌଡୁଛୁ । ଦ୍ୱିତୀୟରେ, ଭଗବାନ ସବୁବେଳେ ଅଛନ୍ତି । ଈଶ୍ୱର ଏବେ ନାହାନ୍ତି, ପରେ ଜନ୍ମ ହେବେ, ଆସିବେ କିମ୍ବା ପୂର୍ବରୁ ଜନ୍ମ ହୋଇଥିଲେ, ଆସିଥିଲେ; ଚାଲିଗଲେଣି, ମରିଗଲେଣି - ସେ କଥା ବି ନୁହେଁ । ଅତଏବ ଈଶ୍ୱର ଓ ଆମ ଭିତରେ ଦେଶଗତ ଦୂରତା କି କାଳଗତ ଦୂରତା ନାହିଁ । ଭଗବାନ ଓ ଆମ ଭିତରେ ଯେଉଁ ଦୂରତା ଅଛି, ତାହା ହେଉଛି କେବଳ ଜ୍ଞାନର ଦୂରତା ।

ତେବେ ଜ୍ଞାନର ଦୂରତା ବା ଅଜ୍ଞାନ କିପରି ସମାପ୍ତ ହେବ ? ସାଂଖ୍ୟଦର୍ଶନରେ କୁହାଯାଇଛି — **'ପ୍ରତିନିୟତ-**

**କାରଣନାଶ୍ୟତ୍ୱମସ୍ୟ ଧ୍ୱାନ୍ତବତ୍'** (ସାଂଖ୍ୟ. ୬:୧୪) — ଅନ୍ଧକାର ଯେପରି ନିଜର ନିୟତ ବିରୋଧୀକାରଣ ଆଲୋକ ଦ୍ୱାରା ଦୂର ହୁଏ, ସେହିପରି ଅଜ୍ଞାନ ମଧ୍ୟ ନିଜ ନିୟତ ବିରୋଧୀ କାରଣ ଜ୍ଞାନ ଦ୍ୱାରା ଦୂର ହୁଏ। ତେଣୁ ଜ୍ଞାନ ପ୍ରାପ୍ତ କରିବା ଦ୍ୱାରା ଈଶ୍ୱର ଓ ଆମ ଭିତରେ ଥିବା ଜ୍ଞାନର ଦୂରତା ସମାପ୍ତ ହୁଏ। ତେବେ ଜ୍ଞାନ କେମିତି ପ୍ରାପ୍ତ କରିବା ? ବେଦ ହେଉଛି ଜ୍ଞାନର ଆଧାର। ଅତଃ ଈଶ୍ୱରଙ୍କ ପାଖକୁ ଯିବାର ଅର୍ଥ ହେଉଛି ଈଶ୍ୱର ଓ ଆମ ଭିତରେ ଥିବା ଜ୍ଞାନର ଦୂରତା ଦୂର କରିବା, ସେଥିପାଇଁ ଜ୍ଞାନର ଭଣ୍ଡାର ବେଦ ନିକଟକୁ ଯିବା। କିନ୍ତୁ କେବଳ ବେଦ ଗ୍ରନ୍ଥ ଆଣି ପଢ଼ିଦେଲେ ତ ଗୋଟିଏ ପିଲା କିଛି ବୁଝି ପାରିବନି।

**ପ୍ର.କ.** — ନାହିଁ-ନାହିଁ।

**ସ୍ୱାମୀଜୀ** — ତେବେ କେମିତି ବୁଝିବ? କିଏ ବୁଝେଇବେ? ବେଦବିତ୍ ଆଚାର୍ଯ୍ୟ। ତେଣୁ ବେଦଜ୍ଞାନ ପ୍ରାପ୍ତି ପାଇଁ ବେଦର ଜ୍ଞାନ ଜାଣିଥିବା ଆଚାର୍ଯ୍ୟଙ୍କ ପାଖକୁ ଯିବାକୁ ହେବ। ଅତଏବ ଉପନୟନ ସଂସ୍କାରର ଗୋଟିଏ ବାକ୍ୟରେ ଅର୍ଥ ହେଲା— ମଣିଷ ଜୀବନର ଯେଉଁ ଲକ୍ଷ୍ୟ 'ସଂସାରର ସମସ୍ତ ଦୁଃଖରୁ ଉଦ୍ଧାର ପାଇ ପରମ ଆନନ୍ଦ ଲାଭ କରିବା' ଅଛି, ତାହା ପ୍ରାପ୍ତ କରିବା ପାଇଁ ବିଦ୍ୟାର୍ଥୀକୁ ଈଶ୍ୱରଙ୍କ ପାଖକୁ ନେବା; ଈଶ୍ୱର ଯେହେତୁ ସବୁଠି ଅଛନ୍ତି, ତାଙ୍କ ଓ ଆମ ଭିତରେ କେବଳ ଜ୍ଞାନର ଦୂରତା ଅଛି, ତେଣୁ ଜ୍ଞାନର ଦୂରତାର ସମାପ୍ତି ପାଇଁ ବିଦ୍ୟାର୍ଥୀକୁ ବେଦ ନିକଟକୁ ନେବା; ବେଦର ଜ୍ଞାନକୁ ପ୍ରାପ୍ତ କରିବା ପାଇଁ ବେଦବିତ୍ ଆଚାର୍ଯ୍ୟଙ୍କ ପାଖକୁ ନେବା। ତେଣୁ ପ୍ରାଚୀନ କାଳରେ ଯେତେବେଳେ ବିଦ୍ୟାର୍ଥୀକୁ ବେଦ ପଢ଼ାଇ ଈଶ୍ୱରଙ୍କ ନିକଟବର୍ତ୍ତୀ କରିବା ପାଇଁ ଗୁରୁକୁଳକୁ ନିଆଯାଉଥିଲା ତାକୁ କୁହାଯାଉଥିଲା 'ଉପନୟନ ସଂସ୍କାର'।

**ପ୍ର.କ.** — ଓହୋ ? ବିଦ୍ୟାର୍ଥୀକୁ ଗରୁକୁଳକୁ ଯେଉଁ ନେଉଥିଲେ, ତେବେ ତାକୁ କୁହାଯାଉଥିଲା ଉପନୟନ ସଂସ୍କାର ? କିନ୍ତୁ ବର୍ତ୍ତମାନ ଏ ଯେଉଁ ଚାଲିଛି ବ୍ରତଘରର ଆଡ଼ମ୍ବର, ଭୋଜିଭାତ ଏସବୁ ତେବେ କ'ଣ ?

**ସ୍ୱାମୀଜୀ** — ଆମେ ତ ବିସ୍ତୃତ ରୂପେ ବିଚାର କଲେ ଯେ ଉପ = ସମୀପ, ନୟନ = ନେବା। ତେଣୁ ଉପନୟନର ଅର୍ଥ ହେଉଛି ବିଦ୍ୟାର୍ଥୀକୁ ଆଚାର୍ଯ୍ୟଙ୍କ ପାଖକୁ ନେବା।

**'ବ୍ରଜ ସଂସ୍କାରଗତ୍ୟୋଃ'** ଧାତୁରୁ **'ବ୍ରତ'** ଶବ୍ଦର ଉତ୍ପତ୍ତି। 'ବ୍ରତ' ଶବ୍ଦର ଅର୍ଥ ହେଉଛି — ସଂକଳ୍ପ, ପ୍ରତିଜ୍ଞା, ଦୃଢ଼ନିଶ୍ଚୟ। 'ଉପନୟନ ସଂସ୍କାର'ରେ ଯେତେବେଳେ ବିଦ୍ୟାର୍ଥୀକୁ ଗୁରୁଙ୍କ ପାଖକୁ ନିଆଯାଏ ସେତେବେଳେ ଆଚାର୍ଯ୍ୟ ତାକୁ କିଛି ସଂକଳ୍ପ କରାନ୍ତି, ବ୍ରତ ଦିଅନ୍ତି। କାରଣ ବେଦରେ ମନୁଷ୍ୟ ପାଇଁ ଈଶ୍ୱରଙ୍କ ଆଦେଶ ରହିଛି — **'ବ୍ରତଂ କୃଣୁତ'** (ଯଜୁଃ. ୪:୧୧) — ହେ ମନୁଷ୍ୟ ! ବ୍ରତୀ ହୁଅ। ନିୟମପୂର୍ବକ ଧର୍ମାଚରଣ, ସତ୍ୟାଚରଣ କର। ଈଶ୍ୱର ପୁଣି ଉପଦେଶ ଦେଉଛନ୍ତି — **'ବ୍ରତେନ ଦୀକ୍ଷାମାପ୍ନୋତି'** (ଯଜୁଃ. ୧୯:୩୦) — ସତ୍‌କର୍ମାନୁଷ୍ଠାନ, ନିୟମପାଳନ ଦ୍ୱାରା ବ୍ୟକ୍ତି ଯୋଗ୍ୟତା ଲାଭ କରେ। ଅତଏବ ଯେହେତୁ ଉପନୟନ ସଂସ୍କାରରେ ବ୍ରତ ଦିଆଯାଏ, ସଂକଳ୍ପ ଦିଆଯାଏ, ପ୍ରତିଜ୍ଞା କରାଯାଏ, ତେଣୁ ଆପଣ ଦେଖିଥିବେ ନିମନ୍ତ୍ରଣ ପତ୍ରରେ ଲେଖାଯାଉଛି 'ବ୍ରତୋପନୟନ' ଅର୍ଥାତ୍ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପାଇଁ ଆବଶ୍ୟକ କର୍ତ୍ତବ୍ୟ-କର୍ମସମୂହର ଦୃଢ଼ତାପୂର୍ବକ ଅନୁଷ୍ଠାନ ନିମନ୍ତେ ବିଦ୍ୟାର୍ଥୀକୁ ସଂକଳ୍ପ କରାଇ ଈଶ୍ୱରଙ୍କ ନିକଟବର୍ତ୍ତୀ କରିବାର ପ୍ରୟାସ କରିବା, ସେଥିପାଇଁ ନିରନ୍ତର ପ୍ରେରିତ କରିବା। କିନ୍ତୁ ବର୍ତ୍ତମାନ ଏ ଯେଉଁ ବ୍ରତଘର ସବୁ ଚାଲିଛି ଏଇଠି ନା ବ୍ରତ କରାଉଥିବା ପୁରୋହିତଙ୍କୁ ସେ ଯଥାର୍ଥ କଥା ଜଣା, ନା ସେ ବାଳକର ପିତା-ମାତାଙ୍କୁ, ନା ବ୍ରତ ହେଉଥିବା ସେ ବ୍ରହ୍ମଚାରୀକୁ। ତେଣୁ ଅନାବଶ୍ୟକ ଆଡ଼ମ୍ବର ଚାଲିଛି ଓ ତା' ଭିତରେ ମୂଳଲକ୍ଷ୍ୟ କୁଆଡ଼େ ହଜିଯାଇଛି।

**ପ୍ର.କ.** — ବର୍ତ୍ତମାନ ଆପଣ କହିଲେ ଯେ ଯାହାର ଉପନୟନ ହୁଏ ତାକୁ ବ୍ରହ୍ମଚାରୀ କୁହାଯାଏ। ବ୍ରହ୍ମଚାରୀ ଶବ୍ଦର ବାସ୍ତବିକ ତାତ୍ପର୍ଯ୍ୟ କ'ଣ ?

**ସ୍ୱାମୀଜୀ** — ଉପନୟନ ସଂସ୍କାରର ଆରମ୍ଭରେ ହିଁ ବାଳକ ଆଚାର୍ଯ୍ୟଙ୍କ ସମୀପକୁ ଯାଇ ନିବେଦନ କରେ — **'ବ୍ରହ୍ମଚର୍ଯମାଗାମ୍, ବ୍ରହ୍ମଚାର୍ଯସାନି'** (ପାର. ଗୃହ୍ୟ. ୨:୨:୬) — ହେ ଭଗବନ୍ ! ମୁଁ ବ୍ରହ୍ମଚର୍ଯ୍ୟ-ବ୍ରତରେ ଦୀକ୍ଷିତ ହେବା

ପାଇଁ, ବ୍ରହ୍ମଚାରୀ ହେବା ନିମିତ୍ତଆପଣଙ୍କ ନିକଟକୁ ଆସିଛି। ଆପଣ ଆଶୀର୍ବାଦ କରନ୍ତୁ, ସହଯୋଗ କରନ୍ତୁ ମୁଁ ଯେପରି ବ୍ରହ୍ମଚାରୀ ହୋଇଯାଏ।

**'ବୃହି ବୃଦ୍ଧୌ'** ଧାତୁରୁ **'ବ୍ରହ୍ମ'** ଶବ୍ଦ ନିଷ୍ପନ୍ନ। ବ୍ରହ୍ମର ଅର୍ଥ ବିରାଟ, ମହାନ୍। **'ଚର ଗତୌ ଭକ୍ଷଣେ ଚ'** ଧାତୁରୁ **'ଚର୍ଯ୍ୟ'** ଶବ୍ଦ ନିଷ୍ପନ୍ନ। ଚର୍ଯ୍ୟର ଅର୍ଥ ଗତି, ବିଚରଣ, ଅଭ୍ୟାସ-ଅନୁଷ୍ଠାନ, ଖାଇବା ଇତ୍ୟାଦି। ଅତଃ ବ୍ରହ୍ମଚର୍ଯ୍ୟର ଅର୍ଥ ବିରାଟ, ମହାନ୍ ଆଡ଼କୁ ଗତି, ମହାନତାରେ ବିଚରଣ ଓ ମହାନ୍ ହେବା। ତେଣୁ ଯେଉଁ ବାଳକ ମନ-ମସ୍ତିଷ୍କରେ ବଡ଼ ହେବାର, ମହାନ୍ ହେବାର ଉଚ୍ଚାଭିଳାଷ ନେଇ ଗୁରୁକୁଳକୁ, ଆଚାର୍ଯ୍ୟଙ୍କ ନିକଟକୁ ଆଗମନ କରେ ତାକୁ ବ୍ରହ୍ମଚାରୀ କୁହାଯାଏ। **'ସର୍ବେଭ୍ୟୋ ବୃହତ୍ତ୍ୱାଦ୍ ବ୍ରହ୍ମ'** (ସ. ପ୍ର. ୧ ସମୁ.) — ସବୁଠୁ ବଡ଼ ହୋଇଥିବା ଯୋଗୁଁ ପରମାତ୍ମାଙ୍କ ନାମ **'ବ୍ରହ୍ମ'**। **'ସର୍ବଜ୍ଞାନମୟୋ ହି ସଃ'** (ମନୁ. ୨:୭) — ବେଦ ସମସ୍ତ ଜ୍ଞାନ-ବିଜ୍ଞାନର ଭଣ୍ଡାର। ତେଣୁ ବେଦକୁ ମଧ୍ୟ ବ୍ରହ୍ମ ବୋଲି କୁହାଯାଏ। ମହାଭାରତରେ ମହର୍ଷି ବ୍ୟାସ ବ୍ରହ୍ମର ଦୁଇଟି ଅର୍ଥ ଉଲ୍ଲେଖ କରିଛନ୍ତି— ଶବ୍ଦବ୍ରହ୍ମ ଓ ପରବ୍ରହ୍ମ। ଶବ୍ଦବ୍ରହ୍ମର ଅର୍ଥ ବେଦ ଓ ପରବ୍ରହ୍ମର ଅର୍ଥ ପରାତ୍ପର ସତ୍ତା ଈଶ୍ୱର। **...ଦ୍ୱେ ବ୍ରହ୍ମଣୀ ବେଦିତବ୍ୟେ ଶବ୍ଦବ୍ରହ୍ମ ପରଂ ଚ ଯତ୍ ॥ ୧॥ ଶବ୍ଦବ୍ରହ୍ମଣି ନିଷ୍ଣାତଃ ପରଂ ବ୍ରହ୍ମାଧିଗଚ୍ଛତି।...** (ମହା. ଶାନ୍ତି.୨୭୦:୧,୨) — ବ୍ରହ୍ମର ଦୁଇଟି ରୂପକୁ ଜାଣିବା ଆବଶ୍ୟକ— ଶବ୍ଦବ୍ରହ୍ମ(ବେଦ) ଓ ପରବ୍ରହ୍ମ (ସଚ୍ଚିଦାନନ୍ଦସ୍ୱରୂପ ପରମାତ୍ମା)। ଶବ୍ଦବ୍ରହ୍ମରେ ନିଷ୍ଣାତ, ପାରଙ୍ଗତ ବ୍ୟକ୍ତି (ବୈଦିକ ଜ୍ଞାନରେ ସମ୍ପନ୍ନ ହୋଇ ବେଦୋକ୍ତ କର୍ମର ଅନୁଷ୍ଠାନରେ ଶୁଦ୍ଧଚିତ୍ତ ହୋଇଥିବା ବ୍ୟକ୍ତି) ପରବ୍ରହ୍ମଙ୍କୁ ପ୍ରାପ୍ତ କରିଥାଏ। ଅତଃ ବ୍ରହ୍ମଚାରୀ ସିଏ, ଯିଏ କି ବେଦାଧ୍ୟୟନ ଓ ଈଶ୍ୱରଚିନ୍ତନରେ ନିରତ ରହିଥାଏ। ବୀର୍ଯ୍ୟ ହେଉଛି ଶକ୍ତିର ମହାନ୍ ଉତ୍ସ। ଏଣୁ ବୀର୍ଯ୍ୟକୁ ମଧ୍ୟ ବ୍ରହ୍ମ ବୋଲି କୁହାଯାଏ। ଶକ୍ତି ହ୍ରାସ ଓ ନାଶ କରି କେହି କେବେ ମହାନ୍ ହେବା ସମ୍ଭବ ନୁହେଁ। ମହାନ୍ ହେବାର ଉପାୟ ହେଲା ଶକ୍ତିର ପୂର୍ଣ୍ଣ ସଂଗ୍ରହ, ସଂଗୃହୀତ ଶକ୍ତିର ସୁରକ୍ଷା ଓ ଉନ୍ନତିରେ ବିନିଯୋଗ। ବୀର୍ଯ୍ୟରକ୍ଷା ଏହାର ଅନିବାର୍ଯ୍ୟ ସାଧନ। ଅତଏବ ବ୍ରହ୍ମଚର୍ଯ୍ୟର ଅନ୍ତର୍ଗତ କର୍ମ ହେଲା ବେଦାଧ୍ୟୟନ, ଈଶ୍ୱରଙ୍କ ଆଡ଼କୁ ଗତି, ଈଶ୍ୱର ପ୍ରାପ୍ତି ପାଇଁ ପ୍ରଯତ୍ନ ଓ ବୀର୍ଯ୍ୟରକ୍ଷଣ। ନିଜକୁ ବଡ଼, ମହାନ୍, ଶ୍ରେଷ୍ଠ କରିବାର ଉଚ୍ଚାକାଂକ୍ଷା ନେଇ ଈଶ୍ୱରଙ୍କ ପ୍ରତି ନିଷ୍ଠା ରଖି ଅଧିକରୁ ଅଧିକ ଜ୍ଞାନ-ବିଜ୍ଞାନ ଓ ସଦ୍‌ଗୁଣ ଅହରଣରେ ସଂଯମ ପୂର୍ବକ ସତତ ସଂଲଗ୍ନ ରହିବା ବ୍ରହ୍ମଚାରୀର ଲକ୍ଷଣ।

**ପ୍ର.କ. —** ଏଇ ଉପନୟନ ବିଷୟରେ ଗୋଟିଏ ଚିଠି ଆସିଛି। ପ୍ରଶ୍ନ ପଚରାଯାଇଛି କି ଉପନୟନ ସଂସ୍କାରରେ ପଇତା କାହିଁକି ପିନ୍ଧାଯାଏ ?

**ସ୍ୱାମୀଜୀ —** ଆମେ ଯେଉଁ ସଂସାରକୁ ଆସିଛେ, ସଂସାରରେ ବଞ୍ଚିଛେ ଓ ବଡ଼ ହୋଇଛେ ତା' ପଛରେ ବହୁତଙ୍କର ଅବଦାନ ରହିଛି। କାହାର ସହଯୋଗ ଭୁଲିଯିବା ମଣିଷପଣିଆ ନୁହେଁ। ପ୍ରାପ୍ତ ଉପକାରକୁ ବିସ୍ମୃତ ହୋଇଗଲେ ପ୍ରତ୍ୟୁପକାରର ଭାବନା ହିଁ ଜାଗ୍ରତ ହୁଏ ନାହିଁ। ଫଳରେ ଏକ ସ୍ୱାର୍ଥୀ, କୃତଘ୍ନ ଓ ଆତ୍ମସୁଖକୈନ୍ଦ୍ରିକ ସମାଜର ନିର୍ମାଣ ହୁଏ। ମନୁଷ୍ୟ ବିଚାରଶୀଳ ପ୍ରାଣୀ ହୋଇଥିବାରୁ ତାକୁ ମିଳିଥିବା ଓ ମିଳୁଥିବା ସହଯୋଗ ସମ୍ପର୍କରେ ସେ ସଦା ସଚେତନ ରହି ତଦନୁସାରେ ସ୍ୱ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ। ବ୍ୟକ୍ତି ଭିତରେ କର୍ତ୍ତବ୍ୟବୋଧ ଜାଗ୍ରତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ମନୁଷ୍ୟ ପାଉଥିବା ଏ ଉପକାରକୁ ବୈଦିକ ଧର୍ମରେ ଋଣ ନାମରେ ଅଭିହିତ କରାଯାଇ ଏହାକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଛି—

**ଜାୟମାନୋ ହ ବୈ ବ୍ରାହ୍ମଣସ୍ତ୍ରିଭିର୍ଋଣୈଃ ଋଣବାନ୍ ଜାୟତେ।**
**ବ୍ରହ୍ମଚର୍ଯ୍ୟେଣ ଋଷିଭ୍ୟଃ ଯଜ୍ଞେନ ଦେବେଭ୍ୟଃ ପ୍ରଜୟା ପିତୃଭ୍ୟଃ ॥** (ତୈତ୍ତିରୀୟ ସଂହିତା. ୬:୩:୧୦:୫)

ସଂସାରରେ ଜନ୍ମଗ୍ରହଣ କରିଥିବା ପ୍ରତ୍ୟେକ ମଣିଷ ଉପରେ ତିନୋଟି ଋଣ ଅଛି — ୧. ଋଷିଋଣ, ୨. ପିତୃଋଣ ଓ ୩. ଦେବଋଣ।

**୧. ଋଷିଋଣ —** ସୃଷ୍ଟି ପ୍ରାରମ୍ଭରେ ଚାରିଜଣ ଋଷି

ମନୁଷ୍ୟସମାଜ ପାଇଁ ଆବଶ୍ୟକ ସମସ୍ତ ଜ୍ଞାନ-ବିଜ୍ଞାନ ବୀଜ ଆକାରରେ ବେଦ ରୂପେ ପରମପିତା ପରମାତ୍ମାଙ୍କ ଠାରୁ ପ୍ରାପ୍ତ କଲେ। ସେମାନେ ତାହା ଅନ୍ୟମାନଙ୍କୁ ଦେଲେ। ପରବର୍ତ୍ତୀ କାଳରେ ଅନ୍ୟ ଋଷିମାନେ ମହାନ୍ ତପସ୍ୟା ପୂର୍ବକ ବେଦମନ୍ତ୍ରରେ ବୀଜାକାରରେ ଲୁକ୍‌କାୟିତ ଥିବା ଗୂଢ଼ ରହସ୍ୟଗୁଡ଼ିକୁ ସମାଧି ଅବସ୍ଥାରେ ସାକ୍ଷାତ କରି ସେସବୁକୁ ଜନସାଧାରଣଙ୍କୁ ଜଣାଇବା ଉଦ୍ଦେଶ୍ୟରେ ବିଭିନ୍ନ ଗ୍ରନ୍ଥ ରଚନା କଲେ ଏବଂ ଶିଷ୍ୟ ପରମ୍ପରାରେ ପଠନ-ପାଠନ ଦ୍ୱାରା ସେସବୁକୁ ଉତ୍ତର ପୀଢ଼ି ପର୍ଯ୍ୟନ୍ତ ପହୁଞ୍ଚାଇ ଚାଲିଲେ। ସେହିପରି ଅନେକ ବୈଜ୍ଞାନିକ, ଗବେଷକ ଜୀବନବ୍ୟାପୀ ଗବେଷଣା କରି ଲବ୍ଧ ଜ୍ଞାନ-ବିଜ୍ଞାନକୁ ଅନ୍ୟମାନଙ୍କୁ ପଢ଼ାଇଛନ୍ତି ତଥା ପରବର୍ତ୍ତୀ ପୀଢ଼ି ପାଇଁ ଲିପିବଦ୍ଧ କରିଦେଇଯାଇଛନ୍ତି । ଏତଦ୍ୱାରା ବହୁବିଧ ଜ୍ଞାନ-ବିଜ୍ଞାନ ଆମ ନିକଟରେ ପହଞ୍ଚିପାରିଛି ଓ ଆମେ ଅଳ୍ପ ପରିଶ୍ରମରେ ବହୁ ଜ୍ଞାନ-ବିଜ୍ଞାନ ଲାଭ କରି ଉପକୃତ ହୋଇପାରୁଛେ। ସେମାନେ ସ୍ୱୟଂ ଜ୍ଞାନ-ବିଜ୍ଞାନ ଲାଭ କରି କାହାକୁ ଯଦି ଦେଇନଥାନ୍ତେ ତେବେ ଆମେ ଜ୍ଞାନ-ବିଜ୍ଞାନ ରହିତ ନିପଟ ମୂର୍ଖ ହୋଇ ରହିଥାନ୍ତେ। ବୈଜ୍ଞାନିକମାନେ ଆମ ଜୀବନକୁ ସୁଖ-ଶାନ୍ତିମୟ କରିବା ପାଇଁ ଅନେକ ସୁଖର ସାଧନ ବି ଉଦ୍‌ଭାବନ କରିଛନ୍ତି। ଯେହେତୁ ଋଷି-ମନୀଷୀ ଓ ବୈଜ୍ଞାନିକମାନେ ମହାନ୍ ପରିଶ୍ରମଲବ୍ଧ ଜ୍ଞାନକୁ ଅକାତରେ ଆମ ପାଖରେ ପହଞ୍ଚିବାର ବ୍ୟବସ୍ଥା କରି ଆମର କଲ୍ୟାଣ ସାଧନ କରିଛନ୍ତି, ଏଣୁ ସେ ଋଷି-ମନୀଷୀ-ବୈଜ୍ଞାନିକ-ଗବେଷକ-ଆଚାର୍ଯ୍ୟ ଆଦିଙ୍କ ଋଣ ଆମ ଉପରେ ଅଛି। ଏହାକୁ କୁହାଯାଏ 'ଋଷିଋଣ'।

**୨. ପିତୃଋଣ —** ବହୁ କଷ୍ଟ ସ୍ୱୀକାର କରି ମାତା-ପିତା ଆମକୁ ସଂସାରକୁ ଆଣିଛନ୍ତି; ଦୀର୍ଘ କାଳ ପର୍ଯ୍ୟନ୍ତ ଆମ ମଳ-ମୂତ୍ର ଆଦି ସଫା କରିଛନ୍ତି; ଖାଦ୍ୟ, ବସ୍ତ୍ର, ଶିକ୍ଷା, ଚିକିତ୍ସା ଆଦି ଯାବତୀୟ ଆବଶ୍ୟକତା ବହୁ ବର୍ଷ ପର୍ଯ୍ୟନ୍ତ ପୂରଣ ପୂର୍ବକ ଆମର ପାଳନ-ପୋଷଣ କରିଛନ୍ତି, ଆମକୁ ସଭ୍ୟ, ଶିକ୍ଷିତ, ସୁସଂସ୍କୃତ କରିବା ପାଇଁ ଅହର୍ନିଶ ପ୍ରଯତ୍ନ କରିଛନ୍ତି। ତେଣୁ ଆମ ଉପରେ ତାଙ୍କର ଯେଉଁ ଋଣ ଅଛି, ତାକୁ କୁହାଯାଏ 'ପିତୃଋଣ'।

**୩. ଦେବଋଣ —** ସଂସାରରେ ଜୀବନଧାରଣ କରିବା ପାଇଁ ଆମକୁ ଅନେକ ପଦାର୍ଥ ଆବଶ୍ୟକ ହୋଇଥାଏ। ଆମ ଚାରିପଟେ ଏ ଯେଉଁ ପରିବେଶ ରହିଛି ତାହା ଆମର ବଞ୍ଚିବା ପାଇଁ ଏସବୁ ଉପାଦାନ ଯୋଗାଉଛି। ପୃଥିବୀରୁ ଆମକୁ ଖାଦ୍ୟ, ବସ୍ତ୍ର, ବାସଗୃହ ପାଇଁ ସ୍ଥାନ ଓ ଅନ୍ୟାନ୍ୟ ଉପକରଣ, ପ୍ରଗତିରେ ସହାୟକ ଅନେକ ପ୍ରକାର ଖଣିଜ ଦ୍ରବ୍ୟ ମିଳୁଛି। ଜଳ ଦ୍ୱାରା ଶାନ୍ତି, ଶୀତଳତା, ଜୀବନୀଶକ୍ତି, ପିପାସାରୁ ନିବୃତ୍ତି, କୃଷିକର୍ମରେ ଓ ବସ୍ତ୍ର-ଶରୀର-ସ୍ଥାନ ଆଦି ପରିଷ୍କାର-ପରିଚ୍ଛନ୍ନ ରଖିବାରେ ସହାୟତା ମିଳୁଛି। ଅଗ୍ନିରୁ ଆଲୋକ ଓ ଉତ୍ତାପ ମିଳୁଛି ଯଦ୍ଦ୍ୱାରା ଅନ୍ଧକାର ଦୂର କରିବା, ଖାଦ୍ୟ ପ୍ରସ୍ତୁତି ଓ ବହୁବିଧ ପଦାର୍ଥ ନିର୍ମାଣ କରିବାରେ ସହାୟତା ମିଳୁଛି। ବାୟୁରୁ ଅମ୍ଳଜାନ ବା ପ୍ରାଣଶକ୍ତି ମିଳୁଛି। ଆକାଶରେ ସବୁ ପଦାର୍ଥର ଅବସ୍ଥାନ ପାଇଁ ସ୍ଥାନ ମିଳୁଛି। ସୂର୍ଯ୍ୟଙ୍କଠାରୁ ଆଲୋକ-ଉତ୍ତାପ ମିଳୁଛି ଯଦ୍ଦ୍ୱାରା ଆମର ଗମନାଗମନ, ବୃକ୍ଷଲତାର ସମ୍ବର୍ଦ୍ଧନ, ବୃଷ୍ଟି ପାଇଁ ଜଳର ବାଷ୍ପୀକରଣ, ରୋଗଜୀବାଣୁଙ୍କ ନିରାକରଣ, ସୌରଶକ୍ତି ଦ୍ୱାରା ଶକ୍ତିର ଚାହିଦା ପୂରଣ ଆଦି କାର୍ଯ୍ୟ ହୋଇପାରୁଛି। ଚନ୍ଦ୍ର ମାଧ୍ୟମରେ ପ୍ରାପ୍ତ ହେଉଥିବା ପରୋକ୍ଷ ପ୍ରକାଶ ରାତ୍ରିର ଅନ୍ଧକାର ଦୂର କରିବାରେ ସହାୟକ ଓ ଅନେକ ବୃକ୍ଷଲତାରେ ଔଷଧୀୟ ଗୁଣ ବୃଦ୍ଧିରେ ସହାୟକ ହୁଏ। ବୃକ୍ଷଲତାରୁ ଆମକୁ ଭୋଜନ, ଗୃହ ଉପକରଣ ଓ ଔଷଧ ନିର୍ମାଣ ଆଦି ପାଇଁ ଉପାଦାନ ମିଳେ। ଆମ ଜୀବନକୁ ସୁଖ-ଶାନ୍ତିମୟ କରିବା ପାଇଁ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ବୃକ୍ଷ-ବନସ୍ପତି ଆଦି ଆମକୁ ବଞ୍ଚିବା ପାଇଁ ଆବଶ୍ୟକ ଉପାଦାନ ଯୋଗାଇ ଦେଉଥିବାରୁ ଏମାନଙ୍କୁ ଦେବ ବୋଲି କୁହାଯାଏ। ଏ ସବୁ ଦେବତାମାନଙ୍କ ଠାରୁ, ଦିବ୍ୟଶକ୍ତିମାନଙ୍କଠାରୁ ଆମକୁ ମିଳୁଥିବା ସହାୟତା ଓ ଉପକାରକୁ କୁହାଯାଏ 'ଦେବଋଣ'।

ଏ ଯେଉଁ ତିନୋଟି ଋଣ ଆମ ଉପରେ ଅଛି ବୋଲି ଶାସ୍ତ୍ରରେ କୁହାଯାଇଛି, ଏ ଋଣକୁ ଆମେ ଯଦି ମନେରଖିବା, ତା' ହେଲେ ତାକୁ ପରିଶୋଧ କରିବାର ପ୍ରଯତ୍ନ କରିବା। ଆଉ ଯଦି ମନେରଖିବା ନାହିଁ, ଭୁଲିଯିବା, ତା' ହେଲେ ତାକୁ ପରିଶୋଧ କରିବା କିପରି ? ମନୁଷ୍ୟ ଅନେକ

ସମୟରେ ମହାତ୍ମା, ସଜ୍ଜନ, ସତ୍‌ସଙ୍ଗ, ସଦ୍‌ଗୁରୁ ସଂସ୍ପର୍ଶରେ ଆସି ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ଯଥାର୍ଥ ରୂପେ ବୁଝିବା ପରେ ସ୍ୱ ଜୀବନକୁ ମହାନ୍ କରିବା ପାଇଁ ଅନେକ ଶପଥ ନେଇଯାଏ । କିନ୍ତୁ ସମୟ ଅତିବାହିତ ହେବା ସହ ସତ୍‌ସଙ୍ଗାଦିରୁ ଦୂରେଇ ଗଲେ ତେଲ-ଲୁଣ ସଂସାରରେ ଜଡ଼ିତ ହୋଇ ନିଜ ସଂକଳ୍ପକୁ ଧୀରେ-ଧୀରେ ଭୁଲିଯାଏ । ଏଣୁ ସେ ଋଣକୁ ମନେରଖିବା ଓ ତାକୁ ପରିଶୋଧ କରିବା ପାଇଁ ଦୃଢ଼ପ୍ରତିଜ୍ଞ ହୋଇ ପ୍ରୟାସଶୀଳ ହେବା ଉଦ୍ଦେଶ୍ୟରେ ତିନି ସୂତ୍ର ବିଶିଷ୍ଟ ଯଜ୍ଞୋପବୀତ ବା ପଇତା ଧାରଣ କରାଯାଏ ।

**ପ୍ର.କ. —** ଓହୋ ! ସେଥିପାଇଁ ପଇତା ପିନ୍ଧନ୍ତି । ଆଚ୍ଛା, ଯଦି ମନରେ ଦାୟିତ୍ୱଜ୍ଞାନ ରହେ ତେବେ ତ ଆଉ ଯଜ୍ଞୋପବୀତ ପିନ୍ଧିବା ଦରକାର ନାହିଁ ।

**ସ୍ୱାମୀଜୀ —** ମଣିଷ ସ୍ୱଭାବତଃ ବହୁ କଥା ଭୁଲିଯାଏ । ତେଣୁ ସତର୍କତା ସବୁ ବେଳେ ଉତ୍ତମ । ଆପଣ ଜାଣିଥିବେ ଯେ, କୌଣସି ବ୍ୟବସାୟ ପ୍ରତିଷ୍ଠାନ, ସଂସ୍ଥା ଯେତେବେଳେ ବନ୍ଧକ ରଖି ବ୍ୟାଙ୍କରୁ ଋଣ ନିଅନ୍ତି ବ୍ୟାଙ୍କ କ'ଣ କରେ କି, ତାଙ୍କ କାନ୍ଥରେ ଗୋଟିଏ ଫଳକ ଲଗାଇ ଲେଖିଦିଏ - Hypothecated to ଅମୁକ Bank । ଏମିତି କ'ଣ ପାଇଁ ଲେଖେ ? ଏଇଥିପାଇଁ ଯେ ସେହି ଫଳକକୁ ଦେଖୁଥିଲେ ସେହି ବ୍ୟକ୍ତିକୁ ମନେପଡୁଥିବ ବୋଲି ଯେ, ସେ ଧାର ନେଇଛି, ତାକୁ ଧାର ପରିଶୋଧ କରିବାକୁ ପଡ଼ିବ । ନ ହେଲେ ସେ ଦେଇଥିବା ବନ୍ଧକ କୋରକ (ଜବତ) କରାଯିବ । ସେମିତି ଆମ ଋଷିମାନେ କହିଲେ ଯେ, ଆମେ ମା-ବାପାଙ୍କ ପାଖରେ ଋଣୀ, ପରିବେଶ ପାଖରେ ଋଣୀ, ଆମ ଋଷି-ମନୀଷୀ-ଚିନ୍ତକ-ବିଚାରକ-ବୈଜ୍ଞାନିକ-ଗବେଷକ-ଆଚାର୍ଯ୍ୟମାନଙ୍କ ପାଖରେ ଋଣୀ । ଆମେ ଯଦି ଏ ଋଣ ପରିଶୋଧ କରିବା ପାଇଁ ତତ୍ପର ହେବା ନାହିଁ, ତା' ପାଇଁ ଉଚିତ ଉଦ୍ୟମ କରିବା ନାହିଁ ତେବେ ଆମକୁ ଆଉ ମନୁଷ୍ୟ ଜନ୍ମ ମିଳିବ କିପରି ? ଯେଉଁପରି ଆରକ୍ଷୀ, ସୈନିକ, ଟ୍ରାଫିକ୍ ପୋଲିସ, ନର୍ସ, ବିଦ୍ୟାର୍ଥୀ ଇତ୍ୟାଦିଙ୍କ ଭିତରେ କର୍ତ୍ତବ୍ୟ ଭାବନାର ଜାଗରଣ ପାଇଁ ଗଣବେଶର ବିଧାନ କରାଯାଇଛି, ସେହିପରି ତ୍ରିଋଣ ପରିଶୋଧ ରୂପକ ଦାୟିତ୍ୱ ସ୍ମରଣ ନିମନ୍ତେ ଯଜ୍ଞୋପବୀତ ଉଦ୍ଦିଷ୍ଟ । ତେଣୁ ତାହା ମନେରଖି ନିରଳସ ଭାବେ କର୍ତ୍ତବ୍ୟ ସମ୍ପାଦନ ପାଇଁ ପ୍ରେରିତ ହେବା ଉଦ୍ଦେଶ୍ୟରେ ଯଜ୍ଞୋପବୀତ ଅବଶ୍ୟ ପିନ୍ଧିବା ଉଚିତ ।

**ପ୍ର.କ. —** ଆଚ୍ଛା, ତେବେ ପିତୃଋଣ, ଋଷିଋଣ ଓ ଦେବଋଣ - ଏ ତିନୋଟି ଋଣରୁ ମୁକ୍ତ ହେବା ପାଇଁ ମନୁଷ୍ୟକୁ କ'ଣ କରିବାକୁ ପଡ଼ିବ ?

**ସ୍ୱାମୀଜୀ —** ଋଷିମାନେ ଯେପରି ଈଶ୍ୱରଙ୍କଠାରୁ ତଥା ପୂର୍ବାଚାର୍ଯ୍ୟମାନଙ୍କଠାରୁ ଜ୍ଞାନ ପ୍ରାପ୍ତ କରି ଜ୍ଞାନଗଙ୍ଗାର ପ୍ରବାହକୁ ନିଜ ନିକଟରେ ଅବରୁଦ୍ଧ ନ କରି ତା'ର ମାର୍ଗ ପ୍ରଶସ୍ତ କରି ଆମ ନିକଟରେ ପହୁଞ୍ଚାଇଲେ, ଆମେ ବି ସେପରି ଜ୍ଞାନର ସେହି ପବିତ୍ର ମନ୍ଦାକିନୀ ଧାରାକୁ ଶୁଖିବାକୁ ନ ଦେଇ ଏବଂ ଆମ ନିକଟରେ ଅବରୁଦ୍ଧ ନ କରି ଆଗକୁ-ଆଗକୁ ପ୍ରବାହିତ କରାଇବା ପାଇଁ ସତତ ପ୍ରଯତ୍ନ କରିବା ଉଚିତ । ପ୍ରତ୍ୟହ ଈଶୋପାସନାପୂର୍ବକ ବେଦ ଓ ବେଦାନୁକୂଳ ଆର୍ଷ ବାଙ୍ମୟର ପଠନ-ପାଠନ ଓ ଶ୍ରବଣ-ଶ୍ରାବଣ ଦ୍ୱାରା ବ୍ୟକ୍ତି ଋଷିଋଣରୁ ଋଣମୁକ୍ତ ହୁଏ ।

ଆମ ମାତା-ପିତା ସମାଜରେ ଜ୍ଞାନ-ବିଜ୍ଞାନ, ସଂସ୍କୃତି, ସଦାଚାର, ଧର୍ମ, ସେବା, ପରୋପକାର ଇତ୍ୟାଦିର ପ୍ରବାହ ଅକ୍ଷୁର୍ଣ୍ଣ ରଖିବା ପାଇଁ ଯେପରି ବିଧିପୂର୍ବକ ଗୃହସ୍ଥାଶ୍ରମରେ ପ୍ରବେଶ କରି କଠୋର ଶ୍ରମ ଓ ତପସ୍ୟା ପୂର୍ବକ ଯୋଗ୍ୟ, ସୁସଂସ୍କୃତ ସନ୍ତାନ ନିର୍ମାଣ କରି ସମାଜକୁ ଦେଇଛନ୍ତି, ସେହିପରି ଆମେ ଗୃହସ୍ଥ ହେଲେ ଶାସ୍ତ୍ରନିର୍ଦ୍ଦିଷ୍ଟ ପଦ୍ଧତିରେ ଜୀବନ ଯାପନ କରି ଆମଠାରୁ ଆହୁରି ଅଧିକ ଉତ୍କୃଷ୍ଟ ଯୋଗ୍ୟତାସମ୍ପନ୍ନ ସନ୍ତାନ ସମାଜକୁ ଦେବା ପାଇଁ ପ୍ରଯତ୍ନ କରିବା ବିଧେୟ । ମାତା-ପିତା(ଶାଶୂ-ଶ୍ୱଶୁର)ଙ୍କ ସେବା-ଶୁଶ୍ରୂଷା ଶ୍ରଦ୍ଧାପୂର୍ବକ ଉଚିତ ରୂପେ କରି ସେମାନଙ୍କ ଜୀବନରୁ ଆଦର୍ଶମୟ ଶିକ୍ଷା ଗ୍ରହଣପୂର୍ବକ ସଦା ସତର୍କ ରହି ଉତ୍ତମ, ଯୋଗ୍ୟ, ଆଦର୍ଶ ସନ୍ତାନ ସମାଜକୁ ଦେଲେ ବ୍ୟକ୍ତି ପିତୃଋଣରୁ ମୁକ୍ତ ହୁଏ ବୋଲି ଶାସ୍ତ୍ରରେ କୁହାଯାଇଛି ।

ଜଳ, ବାୟୁ, ମୃତ୍ତିକା ଆଦି ଦେବ ଶୁଦ୍ଧ ରହିଲେ ଆମ ଜୀବନ ନିରାମୟ ଓ ସୁଖମୟ ରହିବ । ସେମାନେ ଅମକୁ

ବଞ୍ଚିବା ପାଇଁ ଶୁଦ୍ଧ ପଦାର୍ଥ ଯୋଗାଉଥିବା ସ୍ଥଳେ କିନ୍ତୁ ଆମ ଜୀବନଯାତ୍ରାରେ ଆମ ଯୋଗୁଁ ଏସବୁ ପ୍ରଦୂଷିତ ହେଉଛନ୍ତି। ଆମ ଯୋଗୁଁ ଯେତିକି ପ୍ରଦୂଷଣ ହେଉଛି ତାକୁ ଶୁଦ୍ଧ କରିବା ଆମ କର୍ତ୍ତବ୍ୟ। ଯଜ୍ଞ ବା ଅଗ୍ନିହୋତ୍ର ଦ୍ୱାରା ପ୍ରଦୂଷଣ ବିନାଶ ହୁଏ ତଥା ଜଳ-ବାୟୁ ଆଦି ଦେବତାମାନଙ୍କର ଶୁଦ୍ଧି ହୋଇଥାଏ ଏବଂ ତଦ୍ଦ୍ୱାରା ନିଜର ଓ ସମଗ୍ର ବିଶ୍ୱର କଲ୍ୟାଣ ସାଧିତ ହୋଇଥାଏ। ଅନାବଶ୍ୟକ ଓ ଅବିଚାରିତ ଭାବେ ପ୍ରକୃତିର ହାନି ନ କରି, ଯେଉଁ-ଯେଉଁ ପଦ୍ଧତିରେ ପରିବେଶ ଶୁଦ୍ଧ ରହିବ ସେ ପଦ୍ଧତିଗୁଡ଼ିକ ଅବଲମ୍ବନ କରିବା, ବୃକ୍ଷରୋପଣ ଓ ଅଗ୍ନିହୋତ୍ର କରିବା ଦ୍ୱାରା ବ୍ୟକ୍ତି ଦେବଋଣରୁ ଋଣମୁକ୍ତ ହୁଏ।

**ପ୍ର.କ. —** ଯଜ୍ଞୋପବୀତ ଧାରଣର କୌଣସି ନିର୍ଦ୍ଦିଷ୍ଟ ପଦ୍ଧତି ଅଛି କି? ଯଦି ଅଛି, ତେବେ କାହିଁକି?

**ସ୍ୱାମୀଜୀ —** ହଁ, ଯଜ୍ଞୋପବୀତ ଧାରଣର ନିର୍ଦ୍ଦିଷ୍ଟ ପଦ୍ଧତି ଅଛି। ଧାରଣ କରିବା ସମୟରେ ଡାହାଣ ହାତକୁ ଉପରକୁ ଉଠାଇ ମୁଣ୍ଡ ସମେତ ଯଜ୍ଞୋପବୀତ ମଧ୍ୟରେ ଗଳାଇ ବାମ କାନ୍ଧରେ ଏହି ସୂତ୍ର ଏପରି ଧାରଣ କରାଯାଏ ଯାହାକି ହୃଦୟ ଓ ନାଭି ସ୍ପର୍ଶ କରି ଦକ୍ଷିଣ କଟିରେ ଦକ୍ଷିଣ ମୁଷ୍ଟି ପର୍ଯ୍ୟନ୍ତ ଲମ୍ୱିଥାଏ — **'ବାମସ୍କନ୍ଧେ ଧୃତଂ ନାଭିହୃତ୍ ପୃଷ୍ଠବଂଶୟୋର୍ଧୃତମ୍'** (କାତ୍ୟାୟନ ସ୍ମୃତି. ୧:୪), **'ବାମାସଦକ୍ଷକଟ୍ୟନ୍ତଂ ବ୍ରହ୍ମସୂତ୍ରଂ ତୁ ସବ୍ୟତଃ'** (ପରବ୍ରହ୍ମୋପନିଷଦ. ୧୦)। କାନ୍ଧ ଭାରବହନ ସାମର୍ଥ୍ୟର ପ୍ରତୀକ ଓ ସାଧାରଣତଃ ବାମ କାନ୍ଧରେ ଭାର ବହନ କରାଯାଏ। ତେଣୁ ଏ ତ୍ରିଋଣର ଦାୟିତ୍ୱ ବହନ ଉଦ୍ଦେଶ୍ୟରେ ଏହାକୁ କାନ୍ଧରେ ଧାରଣ କରାଯାଏ। ହୃଦୟ ସ୍ନେହ ଓ ଶ୍ରଦ୍ଧାର କେନ୍ଦ୍ର। ଶ୍ରଦ୍ଧା ଓ ଆନ୍ତରିକତା ସହକାରେ ଏ ଦାୟିତ୍ୱ ସ୍ୱୀକାର କରାଯାଇଛି ବୋଲି ସୂଚନା ହୃଦୟ ସ୍ପର୍ଶରୁ ମିଳେ। ଦ୍ୱିତୀୟତଃ, ଆଚାର୍ଯ୍ୟ ଓ ଶିଷ୍ୟର ସମ୍ବନ୍ଧ ହାର୍ଦ୍ଦିକ ଏବଂ ଉଭୟଙ୍କୁ ପାରସ୍ପରିକ ସ୍ନେହ-ଶ୍ରଦ୍ଧାର ସୂତ୍ରରେ ବନ୍ଧନର ପ୍ରତୀକ ହେଲା ଯଜ୍ଞୋପବୀତ। ତେଣୁ ଏହାକୁ ହୃଦୟ ସ୍ପର୍ଶ ପୂର୍ବକ ଧାରଣ କରାଯିବାର ଆବଶ୍ୟକତା ଅଛି। ଯଜ୍ଞୋପବୀତକୁ ବାମ କାନ୍ଧରେ ଧାରଣ କରି ଦକ୍ଷିଣ କଟି ଆଡ଼କୁ ଝୁଲାଇଲେ ହିଁ ଏହା ସମ୍ଭବ। ଡାହାଣ ହାତ କର୍ମ, ପୁରୁଷାର୍ଥର ପ୍ରତୀକ — **'କୃତଂ ମେ ଦକ୍ଷିଣେ ହସ୍ତେ ଜୟୋ ମେ ସବ୍ୟ ଆହିତଃ'** (ଅଥର୍ବ. ୭:୫୦:୮)। ତିନି ଋଣ ପରିଶୋଧ ନିମନ୍ତେ କଟିବଦ୍ଧ ହୋଇ ନିଷ୍ଠିତ ପୁରୁଷାର୍ଥ କରାଯିବ ଏହା କଟି ଓ ମୁଷ୍ଟି ପର୍ଯ୍ୟନ୍ତ ପରିଧାନର ଉଦ୍ଦେଶ୍ୟ।

**ପ୍ର.କ. —** ଆପଣ କହୁଛନ୍ତି ଯେ ତିନି ଋଣର ପ୍ରତୀକ ସ୍ୱରୂପ ତ୍ରି-ସୂତ୍ର ବିଶିଷ୍ଟ ଯଜ୍ଞୋପବୀତ ଧାରଣ କରିବା ଉଚିତ। କିନ୍ତୁ ବ୍ରତଘରେ ଆମେ ତ ଦେଖୁଛୁ ଯେ ବ୍ରହ୍ମଚାରୀଙ୍କୁ ଛଅ ଖିଅ ବିଶିଷ୍ଟ ପଇତା ଦିଆଯାଉଛି। ତେବେ ଏମିତି କାହିଁକି?

**ସ୍ୱାମୀଜୀ —** ବାସ୍ତବରେ ଯଜ୍ଞୋପବୀତରେ ତିନି ସୂତ୍ର ହିଁ ଥାଏ। ପୁରୁଷ-ନାରୀ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଉପରେ ତିନୋଟି ଋଣ ରହିଛି। ତେଣୁ ପ୍ରାଚୀନ ସମୟରେ ନାରୀ-ପୁରୁଷ ନିର୍ବିଶେଷରେ ପ୍ରତ୍ୟେକ ବୁଦ୍ଧିମାନ୍, ସଚେତନ, କର୍ତ୍ତବ୍ୟପରାୟଣ, ଧର୍ମ-ସଂସ୍କୃତି ପ୍ରତି ସ୍ୱାଭିମାନୀ ବ୍ୟକ୍ତି ଏ ତ୍ରିଋଣ ସଦା ସ୍ମରଣ ରଖି କର୍ତ୍ତବ୍ୟ ସମ୍ପାଦନ ଉଦ୍ଦେଶ୍ୟରେ ଯଜ୍ଞୋପବୀତ ଅବଶ୍ୟ ଧାରଣ କରୁଥିଲେ। ମଧ୍ୟଯୁଗରେ ବିଦେଶୀ, ବିଧର୍ମୀମାନଙ୍କ ରାଜତ୍ୱ-ଉତ୍ପୀଡ଼ନ, ମହିଳାମାନଙ୍କ ପ୍ରତି ପାତର-ଅନ୍ତର ଆଦି ଅନେକ କାରଣରୁ ମହିଳାମାନଙ୍କୁ ଯଜ୍ଞୋପବୀତ ଧାରଣରୁ ବଞ୍ଚିତ କରାଗଲା ଏବଂ ପତି-ପତ୍ନୀ ଉଭୟଙ୍କ ଯଜ୍ଞୋପବୀତ ପତି ଧାରଣ କଲେ ଅର୍ଥାତ୍ ତ୍ରିସୂତ୍ର ବିଶିଷ୍ଟ ୨ଟି ଯଜ୍ଞୋପବୀତ ବା ଛଅସୂତ୍ର ସେ ଧାରଣ କଲେ। ଏପରି ଭାବେ ପୁରୁଷମାନେ ଛଅ ସୂତ୍ର ପରିଧାନର ପରମ୍ପରା ଆରମ୍ଭ ହେଲା ଓ ମହିଳାମାନେ ଯଜ୍ଞୋପବୀତ ଧାରଣ କରିବାର ପ୍ରାଚୀନ ପରମ୍ପରା ଧୀରେ-ଧୀରେ ଲୋପ ପାଇଚାଲିଲା। ବର୍ତ୍ତମାନ ସମୟ ଆସିଛି ମହିଳାମାନଙ୍କୁ ବେଦାଧ୍ୟୟନ ଓ ଯଜ୍ଞାନୁଷ୍ଠାନର ଅଧିକାର ଦେବା ସହ ସେମାନଙ୍କ ଭାଗର ଯଜ୍ଞୋପବୀତ ସେମାନଙ୍କୁ ଫେରାଇ ଦେଇ ପୁରୁଷମାନେ ସ୍ୱ ଭାଗର ତ୍ରିସୂତ୍ର ବିଶିଷ୍ଟ ଯଜ୍ଞୋପବୀତ ଧାରଣ କରିବାର।

**ପ୍ର.କ. —** ଆପଣ କହିଲେ ଯେ, ଉପନୟନ ସଂସ୍କାରରେ ବ୍ରହ୍ମଚାରୀ ବ୍ରତ ଗ୍ରହଣ କରେ। ତେବେ

ବ୍ରହ୍ମଚାରୀ କ'ଣ ବ୍ରତ ନିଏ ?

**ସ୍ୱାମୀଜୀ —** ବସ୍ତୁତଃ ଉପନୟନ ସଂସ୍କାର ବ୍ରତ ଧାରଣ କରିବାର ସଂସ୍କାର। ବ୍ରହ୍ମଚର୍ଯ୍ୟ ଧାରଣ, ବିଦ୍ୟାଗ୍ରହଣର ଅଭୀପ୍ସା ନେଇ ବାଳକ ଆଚାର୍ଯ୍ୟଙ୍କ ନିକଟକୁ ଆସିଛି। ଜୀବନକୁ ମହାନ୍ କରିବା ପାଇଁ ତିନି ଋଣରୁ ଋଣମୁକ୍ତ ହେବା ନିମନ୍ତେ ପ୍ରଯତ୍ନଶୀଳ ହେବାର ଭାବନା ନେଇ ସେ ଯଜ୍ଞୋପବୀତ ଧାରଣ କରିଛି। ଏଥି ନିମନ୍ତେ ଆଳସ୍ୟ-ପ୍ରମାଦ ରହିତ ହୋଇ ମହାନ୍ ପୁରୁଷାର୍ଥ କରିବାକୁ ପଡ଼ିବ। ତେଣୁ ଦୃଢ଼ପ୍ରତିଜ୍ଞ ହେବା ଆବଶ୍ୟକ। ଅତଃ ପବିତ୍ର ଯଜ୍ଞାଗ୍ନିରେ ୫ଟି ମନ୍ତ୍ରରେ ୫ଟି ବ୍ରତାହୁତି ପ୍ରଦାନପୂର୍ବକ ସେ ଅନୃତ(ଅସତ୍ୟ) ପରିତ୍ୟାଗ କରି ସତ୍ୟକୁ ପ୍ରାପ୍ତ କରିବା, ସତ୍ୟାଚରଣ କରିବାର ବ୍ରତ ଗ୍ରହଣ କରେ। ପରମେଶ୍ୱରଙ୍କ ୫ଟି ଗୁଣକୁ ଧ୍ୟାନ କରି ତଦନୁସାରେ ତାଙ୍କୁ ସମ୍ବୋଧନ ପୂର୍ବକ ସାକ୍ଷୀ ରଖି ଶପଥ ନିଏ ଓ ବ୍ରତର ପୂର୍ଣ୍ଣତା ନିମନ୍ତେ ପରମାତ୍ମାଙ୍କ ଠାରୁ ସହାୟତାର ଯାଚନା କରେ—

**(ଅଗ୍ନେ ବ୍ରତପତେ...)** ହେ ଜ୍ଞାନସ୍ୱରୂପ, ସତ୍ୟ-ତପ ଆଦି ସକଳ ବ୍ରତର ପତି ପରମାତ୍ମନ୍; **(ବାୟୋ ବ୍ରତପତେ...)** ହେ ଜୀବନଦାୟକ, ସର୍ବବଳବାନ୍, ଗତିଦାତା; **(ସୂର୍ଯ୍ୟ ବ୍ରତପତେ...)** ହେ ଜ୍ୟୋତିଃସ୍ୱରୂପ, ପ୍ରକାଶଦାୟକ; **(ଚନ୍ଦ୍ର ବ୍ରତପତେ...)** ହେ ସୌମ୍ୟସ୍ୱରୂପ, ଆହ୍ଲାଦଦାୟକ; **(ବ୍ରତାନାଂ ବ୍ରତପତେ)** ହେ ସକଳ ବ୍ରତର ସ୍ୱାମୀ ପରମାତ୍ମନ୍! **(ବ୍ରତଂ ଚରିଷ୍ୟାମି)** ମୁଁ ଏ ଯେଉଁ ବ୍ରତ ନେଉଛି, ତାକୁ ପାଳନ, ଆଚରଣ କରିବି। **(ତତ୍ ତେ ପ୍ରବ୍ରବୀମି)** ତାହା ମୁଁ ଆପଣଙ୍କ ଆଗରେ ଆନ୍ତରିକ ଅଭିବ୍ୟକ୍ତି, ଦୃଢ଼ ପ୍ରତିଜ୍ଞା କରୁଛି। **(ତତ୍ ଶକେୟମ୍)** କିନ୍ତୁ ହେ ପ୍ରଭୋ! ମୁଁ ଅଳ୍ପଜ୍ଞ ଓ ଅଳ୍ପଶକ୍ତିମାନ୍, ମୋ ଭିତରେ ଜନ୍ମ-ଜନ୍ମର ବିଷୟବାସନାର ସଂସ୍କାର ବିଦ୍ୟମାନ। ଏସବୁ କାରଣରୁ ପ୍ରତିଜ୍ଞା ପାଳନ ପଥରେ ଅଗ୍ରସର ହେବା ସମୟରେ କେତେବେଳେ ମୋ ପାଦ ଟଳମଳ ହୋଇପାରେ, ବ୍ରତଭଙ୍ଗ ପାଇଁ ଦୁର୍ବଳତା-ଦୁଷ୍ପ୍ରବୃତ୍ତି ଜାଗିପାରେ। ଏଣୁ ଆପଣଙ୍କୁ ପ୍ରାର୍ଥନା କରୁଛି କି ମୋତେ ଶକ୍ତି, ସାହସ, ପ୍ରେରଣା, ଉତ୍ସାହ ଦିଅନ୍ତୁ ଯେପରିକି ସମସ୍ତ ବାଧା-ପ୍ରତିବନ୍ଧକକୁ ପ୍ରତିହତ କରି ସ୍ୱ ପ୍ରତିଜ୍ଞା ପୂର୍ଣ୍ଣ କରିବାରେ ମୁଁ ସମର୍ଥ ହୁଏ। **(ତେନ ଋଧ୍ୟାସମ୍)** ସେହି ବ୍ରତ ପାଳନ ଦ୍ୱାରା ମୁଁ ସମୃଦ୍ଧ ହୁଏ। **(ଇଦମ୍ ଅହମ୍)** ଏହା ମୁଁ **(ଅନୃତାତ୍)** ଅସତ୍ୟରୁ, ଅସତ୍ୟ, ବିପରୀତକୁ ପରିତ୍ୟାଗ କରି **(ସତ୍ୟମ୍)** ସତ୍ୟ, ଯଥାର୍ଥକୁ **(ଉପୈମି)** ପ୍ରାପ୍ତ କରୁଛି, ଗ୍ରହଣ କରୁଛି।

ଏ ସମୟରେ ଈଶ୍ୱରଙ୍କ ସୃଷ୍ଟ ଅଗ୍ନି, ବାୟୁ, ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ମଧ୍ୟ ସେ ଆଦର୍ଶ ବ୍ରତପାଳକ ରୂପେ ଆଖି ଆଗରେ ରଖେ। ଅଗ୍ନି, ବାୟୁ ଆଦି ଦିବ୍ୟଗୁଣସମ୍ପନ୍ନ ଦେବତା ସୃଷ୍ଟି ପ୍ରାରମ୍ଭରୁ ପରମେଶ୍ୱରଙ୍କ ଠାରୁ ଯେଉଁ କଠୋର ବ୍ରତ ଧାରଣ କରିଛନ୍ତି ତାହାକୁ ସେମାନେ ନିରନ୍ତର ପାଳନ କରିଚାଲିଛନ୍ତି, କଦାପି ଉଲ୍ଲଙ୍ଘନ କରିନାହାନ୍ତି। ଅଗ୍ନି ଭଳି ଉପରକୁ ଉଠିବା, ବାୟୁ ପରି ଗତିଶୀଳ ରହିବା, ସୂର୍ଯ୍ୟ ସମ ପ୍ରକାଶ ଦେବା, ଚନ୍ଦ୍ର ଭଳି ଶାନ୍ତି-ଆହ୍ଲାଦଯୁକ୍ତ ହୋଇ ଶାନ୍ତି-ଆହ୍ଲାଦ ଦେବାର ବ୍ରତ ବି ବ୍ରହ୍ମଚାରୀ ନିଏ।

କୌଣସି ବ୍ରତ, ପ୍ରତିଜ୍ଞା ପୂର୍ଣ୍ଣ ହେବାରେ ୨ଟି ସହାୟକ ତତ୍ତ୍ୱ ଅଛି — ଦୃଢ଼ନିଶ୍ଚୟ ଓ ସଭ୍ୟ ସମାଜ ସମ୍ମୁଖରେ ତା'ର ଘୋଷଣା। ଏହା ମନୋବୈଜ୍ଞାନିକ ନିୟମ ଯେ ଯେଉଁ ବ୍ରତ ସମସ୍ତଙ୍କ ସମ୍ମୁଖରେ ନିଆଯାଏ ତାକୁ ଭଙ୍ଗ କରିବା ବେଳକୁ ମନୁଷ୍ୟର ଆତ୍ମା ତାକୁ ଧିକ୍କାର କରେ। ତା' ସହ ସମାଜର ଭୟ, ନିନ୍ଦା ଆଦିର ଭାବନା ବି ତା' ମନକୁ ଆନ୍ଦୋଳିତ କରେ। ଏଣୁ ବ୍ରତଭଙ୍ଗ କରିବାକୁ ଯିବା ବେଳକୁ ସେ ଶହେ ଥର ଚିନ୍ତା କରେ, ଯାହାକି ତା' ବ୍ରତ ରକ୍ଷା, ପାଳନ ଦିଗରେ ଅଶୀର୍ବାଦ।

**ପ୍ର.କ. —** ଶୁଣାଯାଏ ଯେ ବ୍ରତଘର ପ୍ରଥମ ଦିନ ଛଅକର୍ମ ଓ ଦ୍ୱିତୀୟ ଦିନ ଚାରିକର୍ମ ହୁଏ, ଆଉ କିଏ କହନ୍ତି କି ପ୍ରଥମ ଦିନ ଚାରିକର୍ମ ଓ ଦ୍ୱିତୀୟ ଦିନ ଛଅକର୍ମ ହୁଏ। ଏହାର ବାସ୍ତବିକତା କ'ଣ? ବ୍ରତଘରେ ଏଭଳି ୬-୪ କର୍ମ କରି ଦୁଇ ଦିନ କାହିଁକି ହୁଏ ?

**ସ୍ୱାମୀଜୀ —** ଏ ଯେଉଁ ଛଅ କର୍ମ ଆଉ ଚାରିକର୍ମ କରାଯାଏ ତାହା କ'ଣ ଏହା ଆମେ ଆଗ ଜାଣିବା ଆବଶ୍ୟକ। ମୁଁ ପ୍ରଥମରୁ କହିଥିଲି ଯେ ସଂସ୍କାରର ସଂଖ୍ୟା ହେଉଛି ଷୋହଳ - 'ଗର୍ଭାଧାନ'ଠାରୁ ଆରମ୍ଭ କରି

'ଅନ୍ତ୍ୟେଷ୍ଟି' ପର୍ଯ୍ୟନ୍ତ। ସେ ଭିତରୁ ଉପନୟନ ସଂସ୍କାର ହେଉଛି ଦଶମ ସଂସ୍କାର। ତେଣୁ ଏହାକୁ 'ଦଶମ' କର୍ମ ବି କୁହାଯାଏ। ପ୍ରଥମ ସଂସ୍କାର ହେଲା 'ଗର୍ଭାଧାନ'। ସନ୍ତାନ କାମନାରେ ପତି-ପତ୍ନୀଙ୍କ ସଂଯୋଗ ପୂର୍ବରୁ ସେହିଦିନ ଏହି ସଂସ୍କାର କରାଯାଏ। ଗର୍ଭ ସ୍ଥିର ପରେ ଦୁଇ-ତିନି ମାସରେ ଗୋଟିଏ କର୍ମ କରାଯାଏ। ତାହା ହେଉଛି 'ପୁଂସବନ'। ଏହା ଦ୍ୱିତୀୟ ସଂସ୍କାର। ତା' ପରେ ଗର୍ଭ ସ୍ଥିର ହେବାର ଚାରିରୁ ଆଠ ମାସ ଭିତରେ ଆଉ ଗୋଟିଏ ସଂସ୍କାର କରାଯାଏ। ତାହା ହେଉଛି 'ସୀମନ୍ତୋନ୍ନୟନ'। ଏହା ତୃତୀୟ ସଂସ୍କାର। ଯେଉଁଦିନ ଛୁଆ ଜନ୍ମ ହୁଏ, ସେଦିନ ଏକ ସଂସ୍କାର କରାଯାଏ। ତାହା ହେଉଛି 'ଜାତକର୍ମ'। ଏହା ଚତୁର୍ଥ କର୍ମ। ତା' ପରେ ସନ୍ତାନକୁ ଏଗାର ଦିନ ହୋଇଥିବା ସମୟରେ ଏକ ସଂସ୍କାର କରାଯାଏ। ତାହା ହେଉଛି 'ନାମକରଣ'। ଏହା ପଞ୍ଚମ ସଂସ୍କାର। ସନ୍ତାନକୁ ପ୍ରାୟ ୩-୪ ମାସ ହୋଇଥିବା ସମୟରେ ଗୋଟିଏ ସଂସ୍କାର କରାଯାଏ । ତାହା ହେଉଛି 'ନିଷ୍କ୍ରମଣ' ଅର୍ଥାତ୍ ସନ୍ତାନକୁ ବାହାରର ମୁକ୍ତ ବାୟୁ ସଂସ୍ପର୍ଶରେ ଅଣିବା। ଏହା ଷଷ୍ଠ ସଂସ୍କାର। ସନ୍ତାନକୁ ଛଅ ମାସ ହେବା ପରେ ତା'ର ଦାନ୍ତ ଉଠିବା ଆରମ୍ଭ ହୁଏ। ଦାନ୍ତ ଉଠିବା ସଂକେତ ଦିଏ ଯେ ଶିଶୁର ପାଚନ-ତନ୍ତ୍ର ତରଳରୁ ଅର୍ଦ୍ଧତରଳ-ଅର୍ଦ୍ଧକଠିନ ଖାଦ୍ୟ ପଦାର୍ଥ ହଜମ କରିବା ସ୍ଥିତିକୁ ଆସିଲାଣି। ସେ ସମୟରେ ଏକ ସଂସ୍କାର କରାଯାଏ। ତାହା ହେଉଛି 'ଅନ୍ନପ୍ରାଶନ'। ଏହା ସପ୍ତମ ସଂସ୍କାର। ତା' ପରେ ସନ୍ତାନର ବର୍ଷେରୁ ତିନି ବର୍ଷ ବୟସ ଭିତରେ ଗୋଟିଏ ସଂସ୍କାର କରାଯାଏ। ତାହା ହେଲା 'ଚୂଡ଼ାକର୍ମ' ଅର୍ଥାତ୍ ମୁଣ୍ଡନ କରିବା। ଏହା ଅଷ୍ଟମ ସଂସ୍କାର। ତା' ପରେ ୩ ବର୍ଷରୁ ୫ ବର୍ଷ ବୟସ ଭିତରେ ଆଉ ଏକ ସଂସ୍କାର କରାଯାଏ। ତାହା ହେଲା 'କର୍ଣ୍ଣବେଧ' ଅର୍ଥାତ୍ କାନରେ କଣା କରିବା। ଏହା ନବମ ସଂସ୍କାର। ଦଶ ନମ୍ବର ସଂସ୍କାର ହେଲା ଉପନୟନ ସଂସ୍କାର। ଉପନୟନ ସଂସ୍କାର କରାଯିବା ଦିନ ଅଥବା ପରବର୍ତ୍ତୀ ସମୟରେ ବେଦାରମ୍ଭ ସଂସ୍କାର କରାଯାଏ। ଏହା ଏକାଦଶ ସଂସ୍କାର। ଆମେ ଏବେ ଅଲୋଚନା କଲେ ଯେ ଏସବୁ ସଂସ୍କାର ଭିନ୍ନ-ଭିନ୍ନ ସମୟରେ କରାଯାଏ। ସନ୍ତାନର ସମୁଚିତ ବିକାସ ପାଇଁ ସେହି ସମୟରେ ତାହା କରିବାର ଆବଶ୍ୟକତା ରହିଛି। କିନ୍ତୁ ବର୍ତ୍ତମାନ ବ୍ରତଘରେ ଲୋକେ କ'ଣ କରୁଛନ୍ତି ? ଯେହେତୁ ଏ ସଂସ୍କାର ପଦ୍ଧତି ପୂର୍ଣ୍ଣ ରୂପେ ପ୍ରଚଳିତ ନାହିଁ, ଏଗୁଡ଼ିକର ଆବଶ୍ୟକତା ଓ ଉପଯୋଗିତା ବିଷୟରେ ଲୋକଙ୍କର ସ୍ୱଷ୍ଟ ଧାରଣା ନାହିଁ, ତେଣୁ ବଡ଼ ବିଚିତ୍ର ଭାବେ ସେମାନେ ଦୁଇ ଦିନରେ ଦଶଟା ସଂସ୍କାର ଯଥାତଥା କରି ଦେଉଛନ୍ତି। ଆଜିକାଲି ବ୍ରତ କାର୍ଯ୍ୟ ସମ୍ପନ୍ନ କରାଉଥିବା ପୁରୋହିତମାନଙ୍କ ଠାରୁ ମୁଁ ଯାହା ଜାଣିବାକୁ ପାଇଛି ଯେ ପ୍ରାୟତଃ ବ୍ରତଘରର ଦୁଇ ଦିନରେ ପୁଂସବନ ଠାରୁ ବେଦାରମ୍ଭ ପର୍ଯ୍ୟନ୍ତ ୧୦ଟି କର୍ମ ସେମାନେ କରାନ୍ତି। ପ୍ରଥମ ଦିନ ହିଁ ତା'ର ପୁଂସବନ, ସୀମନ୍ତୋନ୍ନୟନ କରିବା, ଯାହାକି ସେ ଗର୍ଭରେ ଥିବା ସମୟରେ କରାଯାଏ, କେତେ ଯଥାର୍ଥ ଓ ଫଳପ୍ରଦ ? ସେହି ଦିନ ପୁଣି ଜାତକର୍ମ ଅର୍ଥାତ୍ ସନ୍ତାନ ଜନ୍ମ ହେବା ଦିନ କରାଯିବା କ୍ରିୟା ବି କରନ୍ତି। ୮-୧୦-୧୨ ବର୍ଷ ବୟସରେ ଉପନୟନ କରୁଛନ୍ତି। ସେତେବେଳେ ତା'ର ନାହିନାଡ଼ ତ ଆଉ ନାଭିରେ ଲାଗି ରହିନଥାଏ। ସେ ପିଲାଟାକୁ ମା' କୋଳରେ ଧରି ତା' ନାହିରେ ଗୋଟିଏ କୁଶ ଧରି ତାକୁ ନାହି ମନେକରି କାଟୁଛନ୍ତି। ଅଯଥା ପ୍ରହସନ। ସେହିଦିନ ହିଁ ନାମକରଣ, ନିଷ୍କ୍ରମଣ ଓ ଅନ୍ନପ୍ରାଶନ ବି କରିଦିଅନ୍ତି। ତା' ପରଦିନ ଚୂଡ଼ାକର୍ମ, କର୍ଣ୍ଣବେଧ, ଉପନୟନ ଓ ବେଦାରମ୍ଭ କରନ୍ତି। ବାସ୍ତବରେ ଏପରି ଭାବେ ଯେଉଁ କର୍ମ କରାଯାଉଛି ଏହାର କିଛି ଯଥାର୍ଥତା ନାହିଁ।

**ପ୍ର.କ. —** ବିଧି-ବିଧାନଟି କେବଳ ରକ୍ଷା କରୁଛନ୍ତି।

**ସ୍ୱାମୀଜୀ —** ଯେଉଁ ବୟସରେ, ଯେଉଁ ସମୟରେ ଯାହା କରିବା ଉଚିତ ତାହା ହେଲା ବିଧି। ଅସମୟରେ କରିବା ହେଲା ଅବିଧି। ଯେଉଁ ସମୟରେ ଯେଉଁ କାମ କରିବା କଥା ସେ ସମୟରେ ସେ କାମ କଲେ ଯଥାର୍ଥରେ ଉପକାର ହେବ। ଆପଣ ଗୋଟିଏ ଘର ତିଆରି କରିବେ। ଯେଉଁଦିନ ଛାତ ପକାଇବାର ଥିବ ସେହିଦିନ ହିଁ ଯଦି ନିଅଁ ଖୋଳିବେ, ଭିତ୍ତି କରିବେ, କାନ୍ଥ ଉଠେଇବେ, ସ୍ତମ୍ଭ ଉଠାଇବେ ଓ ଛାତ ବି ପକାଇବେ, ସେ ଘରର ସ୍ଥିତି କ'ଣ

ହେବ ? ପୁଣି ଆପଣ ଯେଉଁଦିନ ଘରର ଛାତ ପକାଇବାକୁ ସ୍ଥିର କରି ଆଗରୁ କାନ୍ଥ ଉଠେଇ ସାରିଛନ୍ତି, ସେଦିନ ଯଦି ତା' ନିଅଁ ଖୋଳିବେ ଓ ଛାତ ପକାଇବେ ତେବେ ଅବସ୍ଥା କ'ଣ ହେବ ? ଅତଃ ବ୍ରତଘରେ ଏ ଯେଉଁ ଚାରିକର୍ମ-ଛଅ କର୍ମ କରୁଛନ୍ତି, ତାହାର କୌଣସି ଔଚିତ୍ୟ, ଯଥାର୍ଥତା ନାହିଁ।

**ପ୍ର.କ. —** ତା' ମାନେ ବାସ୍ତବରେ ଏ କର୍ମଗୁଡ଼ିକ ଭିନ୍ନ-ଭିନ୍ନ ବୟସରେ କରିବା କଥା ଏବଂ ସେପରି କଲେ ଯାଇ ତା'ର ସୁଫଳ ମିଳିଥାଏ।

**ସ୍ୱାମୀଜୀ —** ହଁ, ଏସବୁ ବିଭିନ୍ନ ପର୍ଯ୍ୟାୟରେ କରାଯାଏ ସେ କଥା ମୁଁ ପୂର୍ବରୁ ସୂଚନା ଦେଇଛି। ଯେମିତିକି ଯେଉଁ ସମୟରେ ଦାନ୍ତ ଉଠିବ ସେହି ସମୟରେ ଅନ୍ନପ୍ରାଶନ କରିବା କଥା। ବର୍ତ୍ତମାନ ସୁଦ୍ଧା ସେ ପିଲା ତ ବହୁତ ଖାଦ୍ୟ ଖାଇସାରିଲାଣି, ଆଜି ତାକୁ ଆମେ ବସେଇକି ଗୁଣ୍ଡା ଗିଳଉଛେ ଜବରଦସ୍ତ। କି ବିଚିତ୍ର ସ୍ଥିତି !

**ପ୍ର.କ. —** ଯେହେତୁ ଆମର ନିଜର ଏ ବିଷୟରେ ଜ୍ଞାନ ନାହିଁ, ତେଣୁ ବ୍ରହ୍ମା ବିଳିବିଳେଇଲେ ବେଦ ଭଳି ଯାହା ପୁରୋହିତ କହୁଛନ୍ତି ଆମେ ତାହା କରିଚାଲିଛୁ।

**ସ୍ୱାମୀଜୀ —** ଠିକ୍। ଆମେ ତ ଜାଣିନାହେଁ। କିନ୍ତୁ ଦୁଃଖର ବିଷୟ ହେଲା ଯେ ଏହି ସଂସ୍କାର କରାଉଥିବା ସେହି ପୁରୋହିତଙ୍କୁ ବି ଏହାର ବାସ୍ତବିକତା ଜଣାନାହିଁ।

**ପ୍ର.କ. —** ଆଉ ଗୋଟିଏ କଥା। ଏଇ ସଂସ୍କାରରେ ଯେଉଁ ଲଣ୍ଡା କରିଦିଅନ୍ତି, ସେ ବଡ଼ ପିଲା ହେଉ କି ସାନ ପିଲା ହେଉ, ଲଣ୍ଡା କ'ଣ ପାଇଁ କରନ୍ତି ? ଆଜିକାଲି ବଡ଼-ବଡ଼ ପିଲାମାନେ ଲଣ୍ଡା ହେବାକୁ ଜମା ରାଜି ହେଉନାହାନ୍ତି, ଟିକିଏ ଚୁଟି କାଟି ଦେଉଛନ୍ତି।

**ସ୍ୱାମୀଜୀ —** ଆଚ୍ଛା, ଆପଣ କେବେ ବଗିଚା କରିଛନ୍ତି ? ମନେକରନ୍ତୁ ଆପଣଙ୍କୁ ଗୋଟିଏ ଜାଗା ମିଳିଲା। ସେଇଠି ଆପଣ ଗୋଟିଏ ସୁନ୍ଦର ଗୋଲାପ ବଗିଚା କରିବେ ବୋଲି ବିଚାର କରୁଛନ୍ତି। ସେଇଟା ବହୁତ ଅପରିଷ୍କାର ଜାଗା। ତେବେ ପ୍ରଥମେ କ'ଣ କରିବେ ? ଯାହା ଅନାବନା, କଣ୍ଟାବୁଦା ଗଛ ଅଛି, ତାକୁ ପରିଷ୍କାର କରିବେ ? ନା, ଅନାବନା ଗଛଗୁଡ଼ିକୁ ସେମିତି ରଖି ଗୋଲାପ ବଗିଚା କରିବେ ?

**ପ୍ର.କ. —** ତାକୁ ତ ଆଗ ପରିଷ୍କାର କରିବାକୁ ପଡ଼ିବ।

**ସ୍ୱାମୀଜୀ —** ଠିକ୍। ସେମିତି ବିଦ୍ୟାର୍ଥୀ ଗୁରୁକୁଳକୁ, ଗୁରୁଙ୍କ ପାଖକୁ କାହିଁକି ଯାଉଛି ? ବିଦ୍ୟା ପ୍ରାପ୍ତ କରିବା ପାଇଁ। ବିଦ୍ୟାର୍ଥୀର ମସ୍ତିଷ୍କରୂପକ ଭୂମିରେ ଏ ଯେଉଁ ବିଦ୍ୟାର ବୀଜ ଆଚାର୍ଯ୍ୟ ପକାଇବେ, ଭଲ-ଭଲ ଗଛ ବର୍ତ୍ତମାନ ଆଚାର୍ଯ୍ୟ ଲଗାଇବେ, ପୂର୍ବରୁ ସେ ସ୍ଥାନରେ ଯଦି ଅନାବନା ଗଛ ଥିବ, ତେବେ ଏ ଗଛ ଲାଗିବ କେମିତି ? ସେଇଥିପାଇଁ ବଗିଚା କରିବା ପୂର୍ବରୁ ଜାଗା ସଫା କରିବା ଭଳି ବିଦ୍ୟା ଅଧ୍ୟୟନ ଆରମ୍ଭ କରିବା ପୂର୍ବରୁ ଉପନୟନ ସଂସ୍କାରରେ ବାଳକକୁ ଲଣ୍ଡା କରିଦିଆଯାଏ।

ଏ ଲଣ୍ଡା ହେବା ହେଉଛି ଏକ ପ୍ରତୀକାତ୍ମକ କାର୍ଯ୍ୟ। ମୁଣ୍ଡ ଉପରେ ଏ ଯେଉଁ କେଶ ବାହାରେ, ତା'ର ମୂଳ ମୁଣ୍ଡ ଭିତରେ ଥାଏ ନା ? ତେଣୁ ଲଣ୍ଡା କରିବାକୁ ଏକ ପ୍ରତୀକ ରୂପେ ନିଆଯାଇଛି କି ପୂର୍ବ-ପୂର୍ବ ଜନ୍ମରୁ ଯେଉଁ ଖରାପ ସଂସ୍କାର ଆମ ମୁଣ୍ଡ ଭିତରେ ଅଛି, ତାକୁ ହଟେଇବା ପାଇଁ ଆମକୁ ପ୍ରଯତ୍ନ କରିବାକୁ ହେବ। ଏଇ ଲଣ୍ଡା କରିବା କାର୍ଯ୍ୟ ମାଧ୍ୟମରେ ପ୍ରତୀକାତ୍ମକ ଭାବେ ବିଦ୍ୟାର୍ଥୀ ଭିତରେ ଏହି ଭାବନା ଭରିବାର ପ୍ରୟାସ କରାଯାଇଛି କି ଯେମିତି ତୁମ ମୁଣ୍ଡ ଉପର ଭାଗ ଲଣ୍ଡା କରାଯାଉଛି, ତୁମେ ତୁମ ବିଚାର ଦ୍ୱାରା ଭିତରକୁ ମଧ୍ୟ ସଫା କର। ଅନାବନା, କଣ୍ଟାବୁଦା ଥିବା ସ୍ଥାନରେ ଭଲ ଗଛ ଲଗାଇଲେ ବି ସେ ଗଛ ଭଲ ଭାବେ ବଢ଼ି ନ ପାରିବା ଭଳି ଯେତେ ଦିନ ପର୍ଯ୍ୟନ୍ତ ଖରାପ ସଂସ୍କାର ମୁଣ୍ଡରୁ ତୁମେ ସଫା ନ କରିଛ ଆଚାର୍ଯ୍ୟଙ୍କ ଠାରୁ ପ୍ରାପ୍ତ ଯେତେ ଭଲ ଜ୍ଞାନ ହେଲେ ବି ସେ ଭିତରେ ପୂର୍ଣ୍ଣ ପ୍ରଭାବ ବିସ୍ତାର କରିପାରିବ ନାହିଁ। ବ୍ରହ୍ମଚାରୀକୁ ଲଣ୍ଡା କରି ଗୋଟିଏ ଚୁଟି ରଖାଯାଏ। ତାକୁ କହନ୍ତି ଶିଖା। ଏଥିରେ ଏକ ଗଣ୍ଠି ବି ପକାଯାଏ। ଶିଖା ରଖି ବନ୍ଧନ କରିବାର ଅର୍ଥ ବୃତ୍ତିକୁ ବହୁମୁଖୀ ନ କରି ଏକମୁଖୀ କରିବା। ଆମେ ଏକାଗ୍ର

ହୋଇ ଆଚାର୍ଯ୍ୟ ଯାହା କହୁଛନ୍ତି ସେ କଥା ଶୁଣିବା, ଅନେକ ଆଡ଼େ ଧ୍ୟାନ ଦେବା ନାହିଁ। ଆମେ କେବଳ ଆଚାର୍ଯ୍ୟଙ୍କ ଅନୁଶାସନରେ ଚାଲିବା, ଅନାବନା ସାଙ୍ଗ-ସାଥୀଙ୍କ କଥାରେ ପରିଚାଳିତ ହେବା ନାହିଁ। ଜୀବନର ଲକ୍ଷ୍ୟ ପ୍ରାପ୍ତି ଦିଗରେ ହିଁ ମନକୁ ପରିଚାଳିତ କରିବା, ଇତସ୍ତତଃ ଧ୍ୟାନ ଦେବା ନାହିଁ।

**ପ୍ର.କ. —** ଆଉ ଗୋଟିଏ କଥା ହେଉଛି ଯେ, କେବଳ ମାମୁଁ-ମାଇଁ ବ୍ରତଘର ସାମଗ୍ରୀର ବ୍ୟବସ୍ଥା କରନ୍ତି। ଏ ବିଧିଟା କାହିଁକି ?

**ସ୍ୱାମୀଜୀ —** ଅଜ୍ଞାନ କାରଣରୁ। ଦେଖନ୍ତୁ, ବାସ୍ତବରେ ବ୍ରତଘର ଆଜିକାଲି ଗୋଟିଏ ବଡ଼ ଅନାବଶ୍ୟକ ଆଡ଼ମ୍ବରରେ ପରିଣତ ହୋଇଯାଇଛି। ବ୍ରତ କାହିଁକି କରୁଛନ୍ତି, ଲକ୍ଷ-ଲକ୍ଷ ଟଙ୍କା ଖର୍ଚ୍ଚ କରି ବାସ୍ତବରେ କ'ଣ ହାସଲ ହେଉଛି - ସେ ପିଲା ବୁଝୁନି, ବାପା-ମା ବୁଝୁନାହାନ୍ତି, କେହି କିଛି ବୁଝୁନାହାନ୍ତି, ଅଯଥା ପଇସା ନଷ୍ଟ କରୁଛନ୍ତି। ବ୍ରତ ପାଇଁ ମାମୁଁଘର ପକ୍ଷରୁ ବ୍ରହ୍ମଚାରୀ ନିମନ୍ତେ ପାଟ, ମୁଦି, ଚେନ୍ ଆଦି ବ୍ୟବସ୍ଥା କରବାକୁ ହେଉଛି। ମାମୁଁଘର ତରଫରୁ ବ୍ରତଘର ସାମଗ୍ରୀ ଯୋଗାଣ କରାଯିବ ବୋଲି ବେଦ-ଶାସ୍ତ୍ରରେ କୌଣସି ବ୍ୟବସ୍ଥା ନାହିଁ। ଉପନୟନ ସଂସ୍କାରରେ ବାସ୍ତବରେ ମାମୁଁ-ମାଇଁଙ୍କର କିଛି ଆବଶ୍ୟକତା ନାହିଁ।

**ପ୍ର.କ. —** କିଛି ଆବଶ୍ୟକତା ନାହିଁ ?

**ସ୍ୱାମୀଜୀ —** ନା। ଉପନୟନ ସଂସ୍କାରରେ ମୁଖ୍ୟତଃ ତିନିଜଣଙ୍କର ଆବଶ୍ୟକତା ଥାଏ — ୧. ଯିଏ ଆଚାର୍ଯ୍ୟଙ୍କ ପାଖକୁ ନେବେ ଅର୍ଥାତ୍ ପିତା-ମାତା, ୨. ଯାହାକୁ ଆଚାର୍ଯ୍ୟଙ୍କ ପାଖକୁ ନେବେ ଅର୍ଥାତ୍ ବିଦ୍ୟାର୍ଥୀ ଏବଂ ୩. ଯେଉଁ ଆଚାର୍ଯ୍ୟଙ୍କ ପାଖକୁ ନେବେ ସେହି ଆଚାର୍ଯ୍ୟ। ମାମୁଁ-ମାଇଁ, ଅଜା-ଆଈ, ବନ୍ଧୁ-ବାନ୍ଧବଙ୍କର ସେମିତି ବିଶେଷ କିଛି ଭୂମିକା ନାହିଁ। ଆଉ ହୋ-ହା, ଘୋ-ଘା, ଗହଳି-ଚହଳି, ଅଯଥା ପାଟିତୁଣ୍ଡ ତ ଆଦୌ ହେବା କଥା ନୁହେଁ। କାରଣ ବିଦ୍ୟାର୍ଥୀର ଜୀବନ ନିର୍ମାଣରେ ଉପନୟନ ସଂସ୍କାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଦ୍ୟାର୍ଥୀ ଆତ୍ମନିର୍ମାଣ ନିମନ୍ତେ ଅନ୍ତର୍ମୁଖୀ ହୋଇ ସଂକଳ୍ପ ଗ୍ରହଣ କରେ। ଅଯଥା ଆଡ଼ମ୍ବର, ହୋ-ହଲ୍ଲା କରି ଏଥିରେ ବିଘ୍ନ ସୃଷ୍ଟି ନ କରିବା ଉଚିତ।

**ପ୍ର.କ. —** ଚେନ୍-ମୁଦି, ଟଙ୍କା-ପଇସା ଆଦି ବ୍ରତଭିକ୍ଷାରେ ଦିଆଯାଏ। ବ୍ରହ୍ମଚାରୀ ସାଙ୍ଗରେ ମାମୁଁ ବି ଭିକ୍ଷାଥାଳି ଧରନ୍ତି। ବ୍ରତଭିକ୍ଷାର କାରଣ ଓ ପଦ୍ଧତି କ'ଣ ?

**ସ୍ୱାମୀଜୀ —** ବ୍ରତଭିକ୍ଷା ବେଦାରମ୍ଭ ସଂସ୍କାରର ଅନ୍ତର୍ଗତ କାର୍ଯ୍ୟ। ବର୍ତ୍ତମାନ କ'ଣ ହେଉଛି କି ବିଳାସ-ବ୍ୟସନ ଭିତରେ ଆମ ସଂସ୍କାରକୁ କୁସଂସ୍କାରରେ ପରିଣତ କରିଦିଆଯାଇଛି। ପ୍ରଥମେ ଚିନ୍ତା କରନ୍ତୁ କି, ଉପନୟନ କାହିଁକି କରାଯାଏ ? ଉପନୟନର ଅର୍ଥ ହେଲା ଜ୍ଞାନ ପ୍ରାପ୍ତି ପାଇଁ ବିଦ୍ୟାର୍ଥୀକୁ ଆଚାର୍ଯ୍ୟଙ୍କ ନିକଟକୁ ନେବା । ବିଦ୍ୟାର୍ଥୀ ଜୀବନ ହେଉଛି ତପସ୍ୟାପୂର୍ଣ୍ଣ ଜୀବନ, ଭୋଗ-ବିଳାସର ଜୀବନ ନୁହେଁ। ବିଦ୍ୟାର୍ଥୀର ଦୁଇଟି ମୁଖ୍ୟ ଆବଶ୍ୟକତା - ଗୋଟିଏ ହେଉଛି ଅନ୍ନ, ଅନ୍ୟଟି ହେଉଛି ଜ୍ଞାନ। ଏ ଦୁଇଟି ତାକୁ ପ୍ରତ୍ୟହ ଆବଶ୍ୟକ। ଅନ୍ନ ଦ୍ୱାରା ସେ ଶାରୀରିକ ଶକ୍ତିକୁ ବଢ଼େଇବ। ତେଣୁ ଉତ୍ତମ, ଉତ୍କୃଷ୍ଟ, ପୌଷ୍ଟିକ ପଦାର୍ଥ ପ୍ରତ୍ୟହ ଭୋଜନ କରିବ, ବ୍ୟାୟାମ-ସଂଯମ କରିବ। ଏହା ଦ୍ୱାରା ତା'ର ଶାରୀରିକ ଶକ୍ତି ବଢ଼ିବ। ଦ୍ୱିତୀୟ ହେଲା ଜ୍ଞାନ ଦ୍ୱାରା ବୌଦ୍ଧିକ କ୍ଷମତା ବଢ଼େଇବ।

ତେଣୁ ବିଦ୍ୟାର୍ଥୀର ଏ ଦୁଇଟି ମୁଖ୍ୟ ଆବଶ୍ୟକତା ପୂରଣ କଲା ଭଳି ପଦାର୍ଥ ଆମେ ବ୍ରତଘରରେ ଭିକ୍ଷା ରୂପେ ଦେବା କଥା। ତେଣୁ ଯେଉଁମାନେ ବ୍ରତଘରର ପବିତ୍ରତା ରକ୍ଷା କରିବାକୁ ଚାହୁଁଛନ୍ତି ମୋର ସମସ୍ତଙ୍କୁ ଅନୁରୋଧ, ବ୍ରତଭିକ୍ଷାରେ ବ୍ରହ୍ମଚାରୀକୁ କିଛି ଭଲ ବହି ଦିଅନ୍ତୁ ଓ ଅନ୍ନ ଦିଅନ୍ତୁ। ମୂଲ୍ୟବାନ୍ ବସନ-ଭୂଷଣ ଆଦି ଶରୀର ଶୃଙ୍ଗାରର ପଦାର୍ଥ ଗୃହସ୍ଥ ପକ୍ଷେ ଧାରଣଯୋଗ୍ୟ, ବ୍ରହ୍ମଚାରୀ ପକ୍ଷେ ଉଚିତ ନୁହେଁ।

ଆଉ ନିୟମ ହେଉଛି ଯେ ବିଦ୍ୟାର୍ଥୀ ଭିକ୍ଷାରେ ଯାହା ପାଇବ, ତାହା ଆଚାର୍ଯ୍ୟଙ୍କୁ ଦେବ। ଭିକ୍ଷା ଆରମ୍ଭ ହେବା ପୂର୍ବରୁ ଆପଣ ସେତିକି ଖାଲି ଘୋଷଣା କରିଦିଅନ୍ତୁ। ଦେଖିବେ ସ୍ଥିତି କ'ଣ ହେବ। ଆମର ସଙ୍ଗଠନର ଜଣେ ସଦସ୍ୟ ତାଙ୍କ ପୁତୁରାଙ୍କ ଉପନୟନ ବୈଦିକ ପଦ୍ଧତିରେ

ତାଙ୍କ ଗାଆଁରେ କରିବାକୁ ଚାହିଁଲେ। ସେ ମୋତେ ଅନୁରୋଧ କରି କହିଲେ, "ଆମେ ବୈଦିକ ପଦ୍ଧତିରେ ଏ ସଂସ୍କାର କରିବୁ। ଉଚିତ ରୀତିରେ କରାଇବା ପାଇଁ ଉପଯୁକ୍ତ ବ୍ୟକ୍ତି ଆମ ନିକଟରେ ନାହାନ୍ତି। ସ୍ୱାମୀଜୀ! ଆପଣ ଦୟାକରି ଉପନୟନ କରାଇବା ପାଇଁ କାହାକୁ ସଙ୍ଗରେ ନେଇ ସ୍ୱୟଂ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇ ଆଶୀର୍ବାଦ, ପ୍ରେରଣା ଦେବା ପାଇଁ ଆସିବେ।" ମୁଁ ଗଲି। ଉପନୟନ ଅନ୍ତର୍ଗତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସରିବା ପରେ ଭିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ସେ ବେଦୀରେ ଘୋଷଣା କରିଦେଲେ ଯେ ବୈଦିକ ପଦ୍ଧତିରେ ନିୟମ ହେଉଛି କି ବ୍ରହ୍ମଚାରୀ ଭିକ୍ଷାରେ ଯାହା ପାଇବ, ତାହା ଆଚାର୍ଯ୍ୟଙ୍କୁ ଅର୍ପଣ କରିବ। ବର୍ତ୍ତମାନ କଥା ସରିଲା। ବ୍ରହ୍ମଚାରୀଙ୍କୁ ଭିକ୍ଷାରେ ଦେବା ପାଇଁ ଲୋକେ ଯେଉଁ ୫୦୦ ଟଙ୍କିଆ, ୧୦୦ ଟଙ୍କିଆ ଆଦି ନୋଟ ବାହାର କରିଥିଲେ, ସମସ୍ତେ ସେ ସବୁ ପୁଣି ରଖିଦେଇ କିଏ ଟଙ୍କାଟିଏ, କିଏ ୨ ଟଙ୍କା, କିଏ ୫ ଟଙ୍କା ଏମିତି ଖୁଚୁରା ସବୁ ଭିକ୍ଷାରେ ଦବାକୁ ଆରମ୍ଭ କଲେ। ଆମେ କହିଲୁ ବ୍ରହ୍ମଚାରୀଙ୍କୁ ଅନ୍ନ ଓ ଜ୍ଞାନ ଦିଅନ୍ତୁ। ସେଇଠି ଖେଚୁଡ଼ି ରଖା ହୋଇଥିଲା। ଟିକିଏ-ଟିକିଏ ଅନ୍ନ ଦେଲେ। ଏଭଳି ଘଟଣା ଅନ୍ୟ ବହୁ ସ୍ଥାନରେ ବି ଆମର ଅନୁଭବ ଅଛି।

ତା' ଛଡ଼ା ବ୍ରହ୍ମଚାରୀ ଗୁରୁକୁଳରେ ରହି ନିତ୍ୟ ଭିକ୍ଷା କରି ସେ ଅନ୍ନରେ ଉଦରପୋଷଣ କରୁଥିଲା। ତେଣୁ ବେଦାରମ୍ଭ ସଂସ୍କାରରେ ବ୍ରହ୍ମଚାରୀ ଦ୍ୱାରା ଏହା କରାଯିବାର ବିଧାନ ଅଛି। କିନ୍ତୁ ବ୍ରହ୍ମଚାରୀ ସହ ତା' ମାମୁଁ ଗୁରୁକୁଳରେ ରହିବା କି ଭିକ୍ଷାନ୍ନରେ ଉଦରପୋଷଣ କରିବାର ବ୍ୟବସ୍ଥା ନ ଥିଲା। ତେଣୁ ମାମୁଁ ବ୍ରତଭିକ୍ଷାରେ ବ୍ରହ୍ମଚାରୀ ସହ ଥାଳି ଧରିବାର ଯଥାର୍ଥତା କ'ଣ?

**ପ୍ର.କ. —** ଆଉ ଗୋଟିଏ କଥା ଯେ, ଏଥିରେ କ'ଣ ଗୋଟିଏ ଗୁରୁମନ୍ତ୍ର ଦିଆଯାଏ। ସେଇଟା କ'ଣ?

**ସ୍ୱାମୀଜୀ —** 'ବେଦାରମ୍ଭ ସଂସ୍କାର'ରେ ବ୍ରହ୍ମଚାରୀଙ୍କୁ ଗୁରୁମନ୍ତ୍ର ଦିଆଯାଏ। 'ମନ୍ତ୍ର' ଶବ୍ଦର ଅର୍ଥ ହେଉଚି ବିଚାର, ଚିନ୍ତନ। **'ମନନେନ ତ୍ରାୟତ ଇତି ମନ୍ତ୍ରଃ'** — ଯାହାକୁ ମନନ କରିବା ଦ୍ୱାରା ଉଦ୍ଧାର କରିଦିଏ ତାହା ମନ୍ତ୍ର। ଗୁରୁ ଶିଷ୍ୟଙ୍କୁ ଏହି ମନ୍ତ୍ର ଦିଅନ୍ତି। ତେଣୁ ତାକୁ ଗୁରୁମନ୍ତ୍ର କୁହାଯାଏ। ଗୁରୁମନ୍ତ୍ର କାହିଁକି ଦିଅନ୍ତି? ବିଦ୍ୟାର୍ଥୀଙ୍କୁ ଆଚାର୍ଯ୍ୟଙ୍କ ପାଖକୁ ନିଆଯାଏ। କ'ଣ ପାଇଁ ନିଆଯାଏ? ଈଶ୍ୱରଙ୍କୁ ପ୍ରାପ୍ତ କରିବା ଦ୍ୱାରା ସେ ତା' ଜୀବନର ସମସ୍ତ ସୁଖକୁ ପ୍ରାପ୍ତ କରିପାରିବ ବୋଲି। ସେତେବେଳେ ସେ ଆଚାର୍ଯ୍ୟଙ୍କୁ କହେ — **'ଅଧୀହି ଭୂଃ ସାବିତ୍ରୀଂ ଭୋ ଅନୁବ୍ରୂହି'** (ଆଶ୍ୱ. ୧:୨୧:୪) — ହେ ଆଚାର୍ଯ୍ୟ! ଏ ସକଳ ସଂସାରକୁ ଉତ୍ପନ୍ନ କରିଥିବା ସବିତା ଦେବତା ପରମାତ୍ମାଙ୍କର ସ୍ୱରୂପ ସମ୍ପର୍କରେ ଓଙ୍କାର ଓ ତିନି ବ୍ୟାହୃତି ସଂଯୁକ୍ତ ସାବିତ୍ରୀ ମନ୍ତ୍ର ମାଧ୍ୟମରେ ମୋତେ ଉପଦେଶ ଦିଅନ୍ତୁ। ତେଣୁ ଆଚାର୍ଯ୍ୟ କ'ଣ କରନ୍ତି କି, ସାବିତ୍ରୀ ମନ୍ତ୍ର ମାଧମରେ ତାକୁ ଈଶ୍ୱରଙ୍କ ସ୍ୱରୂପ ସମ୍ପର୍କରେ ବତାନ୍ତି। ଏହି ମନ୍ତ୍ରକୁ ଗୁରୁମନ୍ତ୍ର କୁହାଯାଏ ଯେହେତୁ କି ଗୁରୁ ବ୍ରହ୍ମଚାରୀକୁ ସେ ମନ୍ତ୍ର ମାଧମରେ ଈଶ୍ୱରଙ୍କ ଜ୍ଞାନ ଦିଅନ୍ତି। ସମଗ୍ର ବୈଦିକ ବାଙ୍ମୟରେ ଏହି ଗୋଟିଏ ମନ୍ତ୍ରକୁ ହିଁ ଗୁରୁମନ୍ତ୍ର ବୋଲି କୁହାଯାଇଛି। କ'ଣ ସେ ମନ୍ତ୍ର?

**ଓମ୍ ଭୂର୍ଭୁବଃ ସ୍ୱଃ। ତତ୍‌ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ଧିୟୋ ଯୋ ନଃ ପ୍ରଚୋଦୟାତ୍ ॥** (ଯଜୁଃ. ୩୬:୩)

ଏହାକୁ 'ଗାୟତ୍ରୀ ମନ୍ତ୍ର' ବି କୁହାଯାଏ। ଏହାକୁ 'ସାବିତ୍ରୀ ମନ୍ତ୍ର' ମଧ୍ୟ କୁହାଯାଏ। ଏହାକୁ 'ମହାମନ୍ତ୍ର' ମଧ୍ୟ କହନ୍ତି। ଏହା ଗୋଟିଏ ହିଁ ମନ୍ତ୍ର; କିନ୍ତୁ ଏହାର ଭିନ୍ନ-ଭିନ୍ନ ନାଁ। ଗୁରୁ ଶିଷ୍ୟଙ୍କୁ ଏହା ଦେଉଥିବା କାରଣରୁ ଏହା ଗୁରୁମନ୍ତ୍ର। ସବିତା ଅର୍ଥାତ୍ ସକଳ ଜଗତର ଉତ୍ପତ୍ତିକର୍ତ୍ତାଙ୍କ ସ୍ୱରୂପର ବର୍ଣ୍ଣନା ଏଥିରେ ଥିବାରୁ ଏହାର ନାମ 'ସାବିତ୍ରୀ ମନ୍ତ୍ର'। 'ଗୟ' ଶବ୍ଦର ଅର୍ଥ ହେଉଛି 'ପ୍ରାଣ'। **'ଗୟାନ୍ ତ୍ରାୟତ ଇତି ଗାୟତ୍ରୀ', 'ଗାୟନ୍ତଂ ତ୍ରାୟତ ଇତି ଗାୟତ୍ରୀ'**— ଯିଏ ଏହି ମନ୍ତ୍ରକୁ ଜପ କରି ଈଶ୍ୱରଙ୍କୁ ଧ୍ୟାନ କରେ ତା'ର ପ୍ରାଣକୁ ଭଗବାନ ଉଦ୍ଧାର କରୁଥିବା କାରଣରୁ ଏହି ମନ୍ତ୍ରର ନାମର ନାମ 'ଗାୟତ୍ରୀ ମନ୍ତ୍ର'। ଏବଂ ମହାନ୍ ଅର୍ଥକୁ ନିଜ ଭିତରେ ନିହିତ କରି ଏ ମନ୍ତ୍ର ସଂସାରରେ ପ୍ରସାରିତ ହୋଇଥିବାରୁ ଏହାର ନାମ ହେଉଛି ମହାମନ୍ତ୍ର। ବେଦରେ ୨୦,୩୭୯ ମନ୍ତ୍ର ଅଛି। କିନ୍ତୁ ବୈଦିକ ସାହିତ୍ୟରେ ଗୁରୁମନ୍ତ୍ର, ଗାୟତ୍ରୀ ମନ୍ତ୍ର, ସାବିତ୍ରୀ ମନ୍ତ୍ର ଆଦି ବୋଲି ଏଇ

ଗୋଟିଏ ମନ୍ତ୍ରକୁ ହିଁ କୁହାଯାଇଛି, ଆଉ କୌଣସି ମନ୍ତ୍ରକୁ କୁହାଯାଇନାହିଁ।

**ପ୍ର.କ. —** ଆଚ୍ଛା, ଅମେ ଦେଖୁ ଯେ କେବଳ ବ୍ରାହ୍ମଣ ଘରେ ହିଁ ବ୍ରତଘର ହୁଏ। ଅନ୍ୟ କୌଣସି ଜାତିରେ ଏହା ହୁଏ ନାହିଁ। ତା'ର କାରଣ କ'ଣ ?

**ସ୍ୱାମୀଜୀ —** ବାସ୍ତବରେ ଉପନୟନର ଅର୍ଥ ହେଲା ବିଦ୍ୟାର୍ଥୀକୁ ଆଚାର୍ଯ୍ୟଙ୍କ ପାଖକୁ ନେବା, ପିଲାକୁ ବିଦ୍ୟାଳୟକୁ ନେବା। ଆଜି ଆମେ ଛୁଆକୁ ବିଦ୍ୟାଳୟରେ ନାମ ଯେଉଁ ଲେଖାଉଛେ, ତାହା ହେଉଛି ଉପନୟନ ସଂସ୍କାରର ଆଧୁନିକ ସଂସ୍କରଣ। ତେଣୁ ଯିଏ ପାଠ ପଢ଼ିବାକୁ ଚାହିଁବ, ଯାହାର ମାତା-ପିତା ସନ୍ତାନକୁ ବିଧିବଦ୍ଧ ଭାବେ ବିଦ୍ୟା ଶିକ୍ଷା ଦେବାକୁ ଚାହିଁବେ ତା'ର ଉପନୟନ ହେବା ଉଚିତ। ବେଦ ଓ ଅନ୍ୟ ବୈଦିକ ବାଙ୍ମୟର ଅଧ୍ୟୟନ-ଅଧ୍ୟାପନା ହ୍ରାସ ପାଇବା କାରଣରୁ ସଂସ୍କାର ସମ୍ବନ୍ଧରେ ଜନସାଧାରଣଙ୍କର ଯଥାର୍ଥ ଜ୍ଞାନ ନାହିଁ। ତେଣୁ ଏପରି ହେଉଛି ଅର୍ଥାତ୍ ପ୍ରାୟତଃ କେବଳ ବ୍ରାହ୍ମଣ ପରିବାରରେ ହିଁ ଉପନୟନ ସଂସ୍କାର କର୍ମ ହେଉଛି।

**ପ୍ର.କ. —** ତା' ମାନେ ଉପନୟନ ସଂସ୍କାର ପାଇଁ ଜାତିର କୌଣସି ବନ୍ଧନ ନାହିଁ ?

**ସ୍ୱାମୀଜୀ —** ଯେଉଁ ବ୍ୟକ୍ତି ପାଠ ପଢ଼ିବାକୁ ଚାହିଁବ ସିଏ ଆଚାର୍ଯ୍ୟଙ୍କ ପାଖକୁ ଯିବ। ତା'ର ଉପନୟନ ସଂସ୍କାର ହେବା ଉଚିତ। ଉପନୟନ ସଂସ୍କାରରେ ଯେଉଁ ଯଜ୍ଞୋପବୀତ ପିନ୍ଧାଯାଏ, ତାହା ତ ବିଦ୍ୟାର ସୂତ୍ର। ବିଦ୍ୟା ପ୍ରାପ୍ତି ନିମିତ୍ତବ୍ରତର ପ୍ରତୀକ ରୂପେ ଏହାକୁ ଧାରଣ କରାଯାଏ। ଯାହାର ପାଠ ପଢ଼ିବାର ଇଚ୍ଛା ନାହିଁ, ଯାହାକୁ ପଢେଇଲେ ମଧ ପଢ଼େ ନାହିଁ, ଦଶଥର ପଢେଇଲେ ମଧ ତାକୁ କିଛି ବୁଦ୍ଧି ହୁଏନି, ସିଏ ଏଇ ବିଦ୍ୟାସୂତ୍ର ଯଜ୍ଞୋପବୀତ ପିନ୍ଧେନି। ତେଣୁ ଯାହାର ବିଦ୍ୟା ହୁଏନି, ତା'ର ଉପନୟନ ନାହିଁ।

**ପ୍ର.କ. —** ତା' ମାନେ ଉପନୟନ ସଂସ୍କାର ପାଇଁ ବ୍ରାହ୍ମଣ, କରଣ ଇତ୍ୟାଦି ଜାତିର କୌଣସି ବନ୍ଧନ ନାହିଁ।

**ସ୍ୱାମୀଜୀ —** ନା। ସାଧାରଣତଃ ପ୍ରତ୍ୟେକ ସଚେତନ, ବୁଦ୍ଧିମାନ୍, ବିଚାରଶୀଳ ମାତା-ପିତା ଚାହାନ୍ତି ଯେ ସେମାନଙ୍କ ସନ୍ତାନ ସଭ୍ୟ, ଶିକ୍ଷିତ, ସୁସଂସ୍କୃତ ହେଉ। ଏଣୁ ସନ୍ତାନକୁ ଯେଭଳି ବିଦ୍ୱାନ୍ କରିବକୁ ସେମାନେ ଚାହାନ୍ତି ତଦନୁସାରେ ସନ୍ତାନର ଜନ୍ମ ପରଠାରୁ ହିଁ ସ୍ୱ ଯୋଗ୍ୟତା ଅନୁସାରେ ଗୃହରୁ ହିଁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏ ତିନି ବର୍ଣ୍ଣର ମାତା-ପିତା ପ୍ରଯନ୍ ଆରମ୍ଭ କରିଦିଅନ୍ତି। ପ୍ରାଚୀନ ସମୟରେ ୫ ବର୍ଷ ବୟସ ପର୍ଯ୍ୟନ୍ତ ମାତା ଶିକ୍ଷା ଦେଉଥିଲେ, ତା' ପରେ ୮ ବର୍ଷ ବୟସ ପର୍ଯ୍ୟନ୍ତ ପିତା ଶିକ୍ଷା ଦେଉଥିଲେ। ତା' ପରେ ୯ ବର୍ଷ ବୟସରେ ବିଧିବଦ୍ଧ ରୂପେ ଗୁରୁକୁଳ ବା ବିଦ୍ୟାଳୟ ଶିକ୍ଷା ଆରମ୍ଭ ହେଉଥିଲା। ସେହି ସମୟରେ ଉପନୟନ ହେଉଥିଲା। ଯେହେତୁ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ପରିବାରରେ ଜନ୍ମିତ ସନ୍ତାନଙ୍କୁ ଗୃହରୁ ହିଁ ସ୍ୱାଭାବିକ ରୂପେ ଶିକ୍ଷା ଦିଆଯାଉଥିଲା ତେଣୁ ସେମାନଙ୍କର ବିଦ୍ୟା-ଧର୍ମରେ ରୁଚି, ଯୋଗ୍ୟତା କାରଣରୁ ସ୍ୱାଭାବିକ ରୂପେ ସେମାନଙ୍କ ଉପନୟନ ସଂସ୍କାର ହେଉଥିଲା। କିନ୍ତୁ ଶୂଦ୍ର ଅର୍ଥାତ୍ ଯାହାର ବିଦ୍ୟା ପ୍ରତି ରୁଚି ନାହିଁ, ଯାହାକୁ ଅନେକ ପଢେଇଲେ ମଧ ସେ ବିଶେଷ କିଛି ଜ୍ଞାନ-ବିଜ୍ଞାନ ଗ୍ରହଣ କରେନି, ମନେ ରଖେନି, ସେ କେବଳ ଶାରୀରିକ ପରିଶ୍ରମ କରେ, ତାକୁ ଶୂଦ୍ର କୁହାଯାଏ। ତା'ର ଉପନୟନ ହୁଏ ନାହିଁ। କିନ୍ତୁ ଶୂଦ୍ର ପରିବାରରେ ଜନ୍ମିତ ସନ୍ତାନର ମଧ୍ୟ ଯଦି ବିଦ୍ୟା ପ୍ରତି ରୁଚି ଜାଗ୍ରତ ହୁଏ ତେବେ ତା'ର ମଧ୍ୟ ଉପନୟନ ସଂସ୍କାର କରାଯାଏ।

**ପ୍ର.କ. —** ତା'ହେଲେ କେବଳ ବ୍ରାହ୍ମଣର ହିଁ ନୁହେଁ, ବରଂ ସମସ୍ତଙ୍କର ବ୍ରତ ହୋଇପାରିବ।

**ସ୍ୱାମୀଜୀ —** ହଁ, ସମସ୍ତଙ୍କର ଅର୍ଥାତ୍ ପ୍ରତ୍ୟକ ପାଠ ପଢ଼ିବା, ବିଦ୍ୟା ପ୍ରତି ରୁଚି ଥିବା ଲୋକର ଉପନୟନ ହେବା ଉଚିତ। କାରଣ ଉପନୟନର ସାଧାରଣ ଅର୍ଥ ହେଲା ବିଧିବଦ୍ଧ ରୂପେ ବିଦ୍ୟାଳୟ ଶିକ୍ଷାର ଆରମ୍ଭ।

**ପ୍ର.କ. —** ଜଣେ ଦର୍ଶକଙ୍କର ଆଉ ଗୋଟିଏ ପ୍ରଶ୍ନ ଅଛି। କେତେ ବର୍ଷ ବୟସରେ ବ୍ରତ କରିବା ଉଚିତ ଓ କୋଷ୍ଠୀର କେଉଁ ମେଳକ ଆଧାରରେ ବ୍ରତ କଲେ ଭଲ ?

**ସ୍ୱାମୀଜୀ —** ପ୍ରଥମେ ଆପଣ 'ନୟନ'ର ଅର୍ଥ

କହିଥିଲେ - ଆଖି, ନେତ୍ର। ତେଣୁ ଉପନୟନର ଆଉ ଗୋଟିଏ ଅର୍ଥ ହେଉଛି- ଉପନେତ୍ର। ଉପନେତ୍ର କୁହାଯାଏ ଚଷମାକୁ। କାରଣ ଆଖିପାଖରେ ଥାଇ ଆମକୁ ଦେଖିବାରେ ସହାୟତା କରେ।

ଆଚ୍ଛା, ଚଷମା କାହାକୁ ଦରକାର ପଡ଼େ, କେଉଁମାନେ ପିନ୍ଧନ୍ତି ? ବୟସ କାରଣରୁ ଦୃଷ୍ଟିଦୋଷ ହେଲେ, ସ୍ୱଷ୍ଟ ଦେଖାନଯାଇ ଝାପ୍‌ସା ଦେଖାଗଲେ ଚଷମା ପିନ୍ଧନ୍ତି। ଯେତେବେଳେ କୌଣସି କାରଣରୁ ଆଖି ଖରାପ ହୋଇ ଗୋଟିଏ ଜିନିଷ ଆଉ ଗୋଟିଏ ଭଳିଆ ଦେଖାଯାଏ, ସେତେବେଳେ ଆମକୁ ଚଷମାର, ଉପନେତ୍ରର ଆବଶ୍ୟକତା ପଡ଼େ। ତେଣୁ ଉପନୟନ କେତେବେଳେ କରାଯାଏ ? ମନୁଷ୍ୟ ଜୀବନରେ କିଶୋର ଅବସ୍ଥା ଏପରି ଏକ ଅବସ୍ଥା ଯେତେବେଳେ ବହୁତ ଜିଜ୍ଞାସା ଆସେ ଏବଂ ସେ ଓଲଟା-ସିଧା ଦେଖିବାକୁ ଆରମ୍ଭ କରେ। ଏପରି ଭୟାବହ ଅବସ୍ଥାରେ ସେ ଯେପରି ପଥଭ୍ରଷ୍ଟ ନ ହେବ, ଝୁଣ୍ଟି ନ ପଡ଼ିବ ସେଇଥିପାଇଁ ସେ ବୟସରେ ତା'ର ଉପନୟନ କରିଦେବା ଉଚିତ। ଯେମିତି ଟିକିଏ-ଟିକିଏ ଆମକୁ ଝାପ୍‌ସା ଦେଖାଗଲେ ଚଷମା ପିନ୍ଧିବା ଆରମ୍ଭ କରାଯାଏ। ସେମିତି ଗୋଟିଏ ବିଦ୍ୟାର୍ଥୀର ପ୍ରାୟ ୧୦ ବର୍ଷ ବୟସରୁ କିଶୋର ଅବସ୍ଥା ଆରମ୍ଭ ହୁଏ। ତେଣୁ ଆଜିକାଲିର ସ୍ଥିତିରେ ୧୦-୧୨ ବର୍ଷ ବୟସ ବେଳକୁ ତା'ର ଉପନୟନ ସଂସ୍କାର ଅବଶ୍ୟ କରିଦିଆଯିବା ଉଚିତ।

**ପ୍ର.କ. —** ଆଉ ଏହି ଯେଉଁ ପାଞ୍ଜି ଦେଖିବା, ମେଳକ କଥା ପ୍ରଶ୍ନ କରିଛନ୍ତି ?

**ସ୍ୱାମୀଜୀ —** କୋଷ୍ଠୀର ମେଳକ ସହିତ ଉପନୟନର କୌଣସି ସମ୍ପର୍କ ନାହିଁ। ଆଚ୍ଛା, ମୁଁ ଆପଣଙ୍କୁ ପଚାରୁଛି କି ଆପଣ ଛୁଆର ନାମ ଯେଉଁ ଲେଖାଉଛନ୍ତି ବିଦ୍ୟାଳୟରେ, କେଉଁ କୋଷ୍ଠୀ-ମେଳକ ଅନୁସାରେ ବିଦ୍ୟାଳୟରେ ନାଁ ଲେଖାଉଛନ୍ତି ?

**ପ୍ର.କ. —** କୋଷ୍ଠୀ ଅନୁସାରେ ନାହିଁ, ଛୁଆର ବୟସ ଓ ବିଦ୍ୟାଳୟରେ ଥିବା ପ୍ରବେଶ ତାରିଖ ଅନୁସାରେ।

**ସ୍ୱାମୀଜୀ —** ଠିକ୍। ବିଦ୍ୟାଳୟରେ ନାମ ଲେଖାଇବା ସହିତ କୋଷ୍ଠୀର କ'ଣ ସମ୍ପର୍କ ? ଯେଉଁମାନେ ବୁଝିନାହାନ୍ତି ବାସ୍ତବରେ ଉପନୟନର ଅର୍ଥ ଓ ଅଭିପ୍ରାୟ କ'ଣ ? କାହିଁକି କରିବା ? ତେଣୁ ସେମାନେ ପୁରୋହିତ, ଗଣକଙ୍କ ପାଖକୁ ଦୌଡ଼ୁଛନ୍ତି କେବେ କଲେ ଶୁଝିବ ଆଦି ପଚାରିବା ପାଇଁ।

ପିଲାକୁ ଯେଉଁଦିନ ପାଠ ପଢେଇବାର ବୟସ ହେଉଛି, ବିଦ୍ୟାଳୟରେ ପ୍ରବେଶ ନିମନ୍ତେ ଦିନ ଧାର୍ଯ୍ୟ ହୋଇ ସୂଚନା ପ୍ରକାଶିତ ହେଉଛି ସେହିଦିନ ଆମେ ବିଦ୍ୟାଳୟରେ ନାମ ଲେଖାଉଛେ। ସେହିଭଳି ଭାବରେ ଉପନୟନ ଶବ୍ଦର ଅର୍ଥ ହେଲା ଗୁରୁଙ୍କ ପାଖରେ, ଗୁରୁକୁଳରେ ନାଁ ଲେଖାଇବା। ତେଣୁ ଗୁରୁଙ୍କ ପାଖରେ ନାମ ଲେଖାଇବା ସହିତ କୋଷ୍ଠୀର, ରାଶି-ନକ୍ଷତ୍ରର କ'ଣ ସମ୍ପର୍କ ? ପୁରୋହିତ ଅଥବା ଯିଏ କୋଷ୍ଠୀ ଦେଖୁଛନ୍ତି ତାଙ୍କୁ ବି ଜଣା ନାହିଁ ଉପନୟନର ବାସ୍ତବିକ ଅର୍ଥ ଓ ଅଭିପ୍ରାୟ କ'ଣ ? ତେଣୁ ସେଭଳି ଲୋକେ ଏ ଅନାବଶ୍ୟକ କୋଷ୍ଠୀମେଳକ ବାହାର କରିଛନ୍ତି। ବୁଦ୍ଧି-ବିବେକ ଥିବା କୌଣସି ଲୋକ ପକ୍ଷରେ ଏହା କରଣୀୟ ନୁହେଁ।

**ପ୍ର.କ. —** ତାଙ୍କର ଆଉ ଗୋଟିଏ ପ୍ରଶ୍ନ ହେଉଛି କି ବ୍ରତଘରେ କେଉଁ-କେଉଁ ମୁଖ୍ୟ କାର୍ଯ୍ୟକ୍ରମ କରାଯାଏ ? ସେ ସବୁର ଉଦ୍ଦେଶ୍ୟ କ'ଣ ?

**ସ୍ୱାମୀଜୀ —** ବ୍ରତଘରେ କ'ଣ-କ'ଣ କାର୍ଯ୍ୟକ୍ରମ କରାଯାଏ, ସେଥିରୁ କିଛି ତ ଆମେ ଆଲୋଚନା କରିସାରିଛେ। ଆଉ କିଛି କାର୍ଯ୍ୟ ବି କରାଯାଏ। ଗୋଟିଏ ହେଲା— **ତିନି ଥର ଜଳାଞ୍ଜଳି ମୋକ୍ଷଣ।** ପ୍ରଥମେ ଆଚାର୍ଯ୍ୟ **'ଆପୋ ହି ଷ୍ଠା ମୟୋଭୁବ...'**, **'ୟୋ ବଃ ଶିବତମୋ...'** ଓ **'ତସ୍ମା ଅରଂ ଗମାମ ବୋ...'** (ୟଜୁଃ. ୩୬:୧୪-୧୬) ଏ ତିନି ମନ୍ତ୍ର ପଢ଼ି ବ୍ରହ୍ମଚାରୀର ଡାହାଣ ହସ୍ତାଞ୍ଜଳିରେ ଜଳ ପୂର୍ଣ୍ଣ କରନ୍ତି। ତା' ପରେ ଆଚାର୍ଯ୍ୟ ନିଜ ଅଞ୍ଜଳିରେ ଜଳ ପୂର୍ଣ୍ଣ କରି **'ତତ୍ସବିତୁର୍ବୃଣୀମହେ...'** (ଋକ୍. ୫:୮୨:୧) ମନ୍ତ୍ର ପଢ଼ି ନିଜ ଅଞ୍ଜଳିର ଜଳ ବ୍ରହ୍ମଚାରୀର ଜଳପୂର୍ଣ୍ଣ ଅଞ୍ଜଳିରେ ଢାଳିଦିଅନ୍ତି। ତତ୍ପରେ ଶିଷ୍ୟର ଅଞ୍ଜଳିକୁ ଅଙ୍ଗୁଷ୍ଠ ସହ ଧରି ପ୍ରତ୍ୟେକ ଥର ଏକ-ଏକ ମନ୍ତ୍ର ପାଠ କରି ତିନି ଥର

ଅଞ୍ଜଳିର ଜଳକୁ ତଳେ ଭୂମିରେ ରଖାଯାଇଥିବା ଏକ ପାତ୍ରରେ ଢାଳିଦିଅନ୍ତି।

ବ୍ରହ୍ମଚାରୀ ଦକ୍ଷିଣ ହସ୍ତାଞ୍ଜଳି ପତାଇ ଆଚାର୍ଯ୍ୟଙ୍କ ସମ୍ମୁଖରେ ଉପସ୍ଥିତ ହେବା ମାଧ୍ୟମରେ ଏହି ଭାବନା ଅଭିବ୍ୟକ୍ତ କରେ ଯେ, 'ହେ ଆଚାର୍ଯ୍ୟ! ମୁଁ ସର୍ବଥା ରିକ୍ତାଞ୍ଜଳି, ରିକ୍ତପାତ୍ର ହୋଇ ପୂର୍ଣ୍ଣପାତ୍ର ହେବା ନିମିତ୍ତ ଆପଣଙ୍କ ଶ୍ରୀଚରଣରେ ଉପସ୍ଥିତ ହୋଇଅଛି। ମୋର ଏଇ ପାତ୍ରକୁ ସ୍ୱ ଜ୍ଞାନଜଳରେ ପୂର୍ଣ୍ଣ କରିଦିଅନ୍ତୁ।' ଆଚାର୍ଯ୍ୟ ପ୍ରଥମେ ବ୍ରହ୍ମଚାରୀର ଅଞ୍ଜଳିକୁ ଜଳରେ ପୂର୍ଣ୍ଣ କରିବା ମାଧ୍ୟମରେ ଏ ସଙ୍କେତ ଦିଅନ୍ତି କି 'ହେ ଶିଷ୍ୟ! ତୁମେ ସର୍ବଥା ରିକ୍ତ ନୁହଁ। ତୁମ ବୁଦ୍ଧିରୂପକ ପାତ୍ରରେ ପୂର୍ବଜନ୍ମ-ଉପାର୍ଜିତ ଜ୍ଞାନଜଳ ଅପ୍ରବୁଦ୍ଧ ରୂପରେ ଅଛି। ଏହା ତୁମର ଜନ୍ମ-ଜନ୍ମର ସମ୍ପତ୍ତି। ଏହାର ପ୍ରତ୍ୟେକ ବିନ୍ଦୁ ଅମୃତ। ଏହି ଜ୍ଞାନ-ଜଳକୁ ସୁରକ୍ଷିତ ରଖିବାକୁ ଯତ୍ନ କର, ଅଯଥାରେ ବହିଯିବାକୁ ଦିଅ ନାହିଁ। ଯଦି ପାତ୍ରରେ ଛିଦ୍ର ରହିବ ତେବେ ଜ୍ଞାନ-ଜଳ ଝରିଯିବ।' ବ୍ରହ୍ମଚାରୀ ଡାହାଣ ହାତର ଅଞ୍ଜଳିରେ ଜଳ ନେବାର ଅଭିପ୍ରାୟ ଏଇଆ ଯେ ସ୍ୱ ପୁରୁଷାର୍ଥ(କର୍ମ)ର ଅଞ୍ଜଳିରେ ସେ ଏହାକୁ ସ୍ୱୀକାର-ସଂଗ୍ରହ କରୁଛି। ତଦନନ୍ତର ଆଚାର୍ଯ୍ୟ ସ୍ୱ ଅଞ୍ଜଳିରେ ଜଳ ଭରନ୍ତି। ଏହା ଆଚାର୍ଯ୍ୟଙ୍କ ବିଦ୍ୟାର ପ୍ରତୀକ। ଆଚାର୍ଯ୍ୟ ସ୍ୱ ଅଞ୍ଜଳିର ଜଳ ଶିଷ୍ୟର ଜଳପୂର୍ଣ୍ଣ ଅଞ୍ଜଳିରେ ଢାଳିବା କ୍ରିୟା ମାଧ୍ୟମରେ ସ୍ୱ ସଂପୂର୍ଣ୍ଣ ଜ୍ଞାନ ପ୍ରଦାନ କରି ଶିଷ୍ୟକୁ ସମୃଦ୍ଧ କରିବାର ଭାବନା ପ୍ରକଟ କରନ୍ତି। ତାଙ୍କ ମନୋଭାବ ହେଲା, 'ହେ ଶିଷ୍ୟ! ତୁମେ ଜ୍ଞାନ ଗ୍ରହଣ କରିବାରେ ପୂର୍ଣ୍ଣ ପୁରୁଷାର୍ଥ କର ଓ ମୁଁ ଜ୍ଞାନ ଦାନ କରିବାରେ ପୂର୍ଣ୍ଣ ପୁରୁଷାର୍ଥ କରିବି। ପରିଣାମସ୍ୱରୂପ ତୁମେ ଜ୍ଞାନ-ଜଳରେ ପରିପୂର୍ଣ୍ଣ ହୋଇଯିବ।' ତା' ପରେ ଆଚାର୍ଯ୍ୟ ଶିଷ୍ୟର ଅଞ୍ଜଳିକୁ ଅଙ୍ଗୁଷ୍ଠ ସହ ଧରି ଅଞ୍ଜଳିର ଜଳକୁ ଭୂମିସ୍ଥିତ ପାତ୍ରରେ ଢାଳିବା କ୍ରିୟା ଦ୍ୱାରା ତାକୁ ସନ୍ଦେଶ ଦିଅନ୍ତି କି ଜ୍ଞାନର ପ୍ରବାହକୁ କେବେ ନିଜ ପାଖରେ ଅବରୁଦ୍ଧ କରିଦିଅନାହିଁ, ବୃଥାରେ ନଷ୍ଟ ହେବାକୁ ଦିଅ ନାହିଁ, ଉପଯୁକ୍ତ ପାତ୍ରରେ ସମଗ୍ର ସଂସାରରେ ବିନା କାର୍ପଣ୍ୟରେ ବିତରଣ କର। ଆଚାର୍ଯ୍ୟ ତିନି ଥର ଶିଷ୍ୟର ଅଞ୍ଜଳିରେ ଜଳ ଭରି ତିନି ଥର ପାତ୍ରରେ ଢାଳିବାର ଅର୍ଥ ହେଲା ଯେ ତୁମକୁ ତ୍ରିବିଧ ଜ୍ଞାନରେ ପରିପୂର୍ଣ୍ଣ କରିଛି, ତୁମେ ମଧ୍ୟ ତ୍ରିବିଧ ଜ୍ଞାନ ଅନ୍ୟକୁ ଦେଇଚାଲ। ସେ ତ୍ରିବିଧ ଜ୍ଞାନ ହେଲା— ଈଶ୍ୱର, ଜୀବ ଓ ପ୍ରକୃତି ସମ୍ବନ୍ଧୀୟ ଜ୍ଞାନ; ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଜ୍ଞାନ; ଜ୍ଞାନ, କର୍ମ ଓ ଉପାସନା ସଂପର୍କୀୟ ଜ୍ଞାନ।

ଆଉ ଗୋଟିଏ କ୍ରିୟା ହେଲା -**'ସୂର୍ଯ୍ୟଦର୍ଶନ'**। ଉପନୟନ କରାଯାଇଥିବା ବ୍ରହ୍ମଚାରୀଙ୍କୁ ସୂର୍ଯ୍ୟଙ୍କ ଆଗରେ ଠିଆ କରାଇ ଅଚାର୍ଯ୍ୟ ୨ଟି ମନ୍ତ୍ର ପଢ଼ି ସୂର୍ଯ୍ୟଦର୍ଶନ କରାନ୍ତି।

**'ଦେବ ସବିତରେଷ ତେ ବ୍ରହ୍ମଚାରୀ ତଂ ଗୋପାୟ ସ ମା ମୃତ।'** (ଆଶ୍ୱ. ୧:୨୦:୬) ମନ୍ତ୍ରରେ ଈଶ୍ୱରଙ୍କୁ ବ୍ରହ୍ମଚାରୀର ଦୀର୍ଘାୟୁଷର ପ୍ରାର୍ଥନା ପୂର୍ବକ ସୂର୍ଯ୍ୟଙ୍କୁ ସମ୍ବୋଧନ କରି କହନ୍ତି – 'ହେ ସର୍ବପ୍ରେରକ ସବିତା ଦେବ! ଇଏ ତୁମ ବ୍ରହ୍ମଚାରୀ। ଏହାକୁ ରକ୍ଷା କର। ନିଜ ପ୍ରାଣଦାୟକ, ଊର୍ଜସ୍ୱଳ ରଶ୍ମିରେ ୟାକୁ ପ୍ରାଣବାନ୍, ଊର୍ଜାବାନ୍ କର। ଇଏ ଅକାଳ ମୃତ୍ୟୁକୁ ପ୍ରାପ୍ତ ନ ହେଉ।' ଦ୍ୱିତୀୟ ମନ୍ତ୍ର **'ତଚ୍ଚକ୍ଷୁର୍ଦେବହିତଂ ପୁରସ୍ତାଚ୍ଛୁକ୍ରମୁଚ୍ଚରତ୍। ...'** (ଯଜୁଃ. ୩୬:୨୪)ରେ ପୂର୍ଣ୍ଣ ଆୟୁ ପର୍ଯ୍ୟନ୍ତ ଶିଷ୍ୟର ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗ ସବଳ ରହିବାର ପ୍ରାର୍ଥନା କରନ୍ତି। ସୂର୍ଯ୍ୟଦର୍ଶନ କରାଇବାର ଅଭିପ୍ରାୟ ହେଲା ସୂର୍ଯ୍ୟଙ୍କ ପାଖରେ ଥିବା ଗୁଣଗୁଡ଼ିକୁ ଦେଖ, ସେ ସମ୍ପର୍କରେ ବିଚାର-ଚିନ୍ତନ କର।

ପୁଣି ଆଚାର୍ଯ୍ୟ କହନ୍ତି — **'ସୂର୍ଯ୍ୟସ୍ୟାବୃତମନ୍ୱାବର୍ତ୍ତସ୍ୱ'** (ମନ୍ତ୍ରବ୍ରା. ୧:୬:୨୦) — ସୂର୍ଯ୍ୟଙ୍କ ମାର୍ଗର ଅନୁବର୍ତ୍ତନ, ଅନୁସରଣ କର, ସୂର୍ଯ୍ୟଙ୍କ ପଛରେ ଚାଲ, ସୂର୍ଯ୍ୟଙ୍କୁ ସ୍ୱ ଜୀବନର ଆଦର୍ଶ କରି ତାଙ୍କର ଗୁଣ-କର୍ମ-ସ୍ୱଭାବକୁ ନିଜ ଜୀବନରେ ଧାରଣ କର।

ସୂର୍ଯ୍ୟଙ୍କର କ'ଣ କ'ଣ ଗୁଣ-କର୍ମ-ସ୍ୱଭାବ ଅଛି ? ସୂର୍ଯ୍ୟଙ୍କ ଠାରୁ ବ୍ରହ୍ମଚାରୀ କ'ଣ-କ'ଣ ଗୁଣ ଧାରଣ କରିବା ଉଚିତ ?

**୧.** ସୂର୍ଯ୍ୟ ତେଜସ୍ୱୀ ଅଟନ୍ତି। ଏଇ ତେଜ ସୂର୍ଯ୍ୟ କେଉଁଠୁ ବାହାରୁ ଧାରରେ କି ମାଗି-ଯାଚି ଆଣି ନାହାନ୍ତି। ସେ ସ୍ୱ ତେଜରେ ଦେଦୀପ୍ୟମାନ। ସୂର୍ଯ୍ୟଙ୍କ ଭିତରେ ନିରନ୍ତର ଚାଲିଥିବା କ୍ରିୟା-ପ୍ରକ୍ରିୟାର ପରିଣାମ ହେଉଛି ଏଇ ତେଜ।

ସୂର୍ଯ୍ୟଙ୍କ ଭିତରେ ଥିବା ହାଇଡ୍ରୋଜେନ୍(ଉଦ୍‌ଜାନ) ନାଭିକୀୟ ସଂଲୟନ (Nuclear Fusion) ଦ୍ୱାରା ନିରନ୍ତର ହିଲିୟମ୍‌ରେ ରୂପାନ୍ତରିତ ହେବା ପ୍ରକ୍ରିୟାର ପରିଣାମରେ ଆଲୋକ ଓ ଉତ୍ତାପ ନିର୍ଗତ ହୁଏ। ଏହିପରି ବ୍ରହ୍ମଚାରୀ ମଧ୍ୟ ତେଜସ୍ୱୀ ହେବା ଉଚିତ। ଏଥିପାଇଁ ତାକୁ ସତତ କ୍ରିୟାଶୀଳ ରହି କଠୋର ତପସ୍ୟା-ସଂଯମ କରି ତେଜସ୍ୱିତା ଅର୍ଜନ କରିବାକୁ ହେବ, ବ୍ରହ୍ମଚର୍ଯ୍ୟର ଦୀପ୍ତିରେ ଦୀପ୍ତିମନ୍ତ, ତେଜସ୍ୱୀ, ଭାସ୍ୱାନ୍ ହେବାକୁ ହେବ।

୨. ସୂର୍ଯ୍ୟ ନିଜ ଆଲୋକ ଦ୍ୱାରା ଅନ୍ଧକାର ବିନାଶ କରନ୍ତି। ବ୍ରହ୍ମଚାରୀ ସେହିଭଳି ସ୍ୱାଧ୍ୟାୟ-ସାଧନାରେ ବ୍ରତୀ ହୋଇ ଅଧିକରୁ ଅଧିକ ଜ୍ଞାନ ଅର୍ଜନ କରି ସଂସାରରେ ସବୁ କ୍ଷେତ୍ରରୁ ଅଜ୍ଞାନ-ଅନ୍ଧକାର ଦୂର କରିବା ପାଇଁ ନିରଳସ ପ୍ରଚେଷ୍ଟା କରିବା ବିଧେୟ।

୩. ସୂର୍ଯ୍ୟ ଠିକ୍ ସମୟରେ ଉଦୟ ହୁଅନ୍ତି ଓ ଠିକ୍ ସମୟରେ ଅସ୍ତ ଯାଆନ୍ତି। ସେ ସମୟାନୁବର୍ତ୍ତୀ, ତାଙ୍କ ସମୟରେ କେବେ ବ୍ୟତିକ୍ରମ ହୁଏ ନାହିଁ। ବ୍ରହ୍ମଚାରୀ ସେହିଭଳି ସମୟାନୁବର୍ତ୍ତୀ ହେବା ଆବଶ୍ୟକ।

୪. ସୂର୍ଯ୍ୟ ନିରନ୍ତର ଗତିଶୀଳ, କର୍ମପ୍ରବଣ, ନିୟମାନୁବର୍ତ୍ତୀ। ସେ କେବେ ଆଳସ୍ୟପରାୟଣ, ପ୍ରମାଦଗ୍ରସ୍ତ ହୁଅନ୍ତି ନାହିଁ, କର୍ମରୁ ଅବକାଶ ନିଅନ୍ତି ନାହିଁ। ସେହିପରି ବ୍ରହ୍ମଚାରୀ ବି କଦାପି ଆଳସ୍ୟ-ପ୍ରମାଦଗ୍ରସ୍ତ ହେବା, କର୍ତ୍ତବ୍ୟରେ ଅବହେଳା କରିବା, ନିୟମ ଉଲ୍ଲଘଂନ କରିବା, ଅବ୍ୟବସ୍ଥିତ-ଅନିୟନ୍ତ୍ରିତ, ବିଶୃଙ୍ଖଳ-ଉଚ୍ଛୃଙ୍ଖଳ ଗତି କରିବା ଉଚିତ ନୁହେଁ। ସର୍ବଦା ନିୟମାନୁବର୍ତ୍ତୀ, ନିରଳସ ରୂପେ କର୍ମପ୍ରବଣ ରହିବା ଉଚିତ।

୫. ସୂର୍ଯ୍ୟ ନଦୀ, ନାଳ, କୂଅ, ପୋଖରୀ, ଗାଡ଼ିଆ, ନର୍ଦ୍ଦମା, ହ୍ରଦ, ସମୁଦ୍ର ଆଦି ସବୁ ସ୍ଥାନରୁ ଜଳ ନିଅନ୍ତି। କେବଳ ଜଳ ହିଁ ନିଅନ୍ତି, କିନ୍ତୁ କାଦୁଅ ଆଦି ନିଅନ୍ତି ନାହିଁ, ସେଇଠି ଛାଡ଼ିଦିଅନ୍ତି। ସେହିପରି ବିଦ୍ୟାର୍ଥୀ ଯେତେ ସାଙ୍ଗ-ସାଥୀ ଆଦିଙ୍କ ସହ ମିଶିଲେ ବି ସମସ୍ତଙ୍କ ପାଖରୁ ଭଲ ଗୁଣ, ଜ୍ଞାନ ହିଁ ଗ୍ରହଣ କରିବ, ମନ୍ଦ ଗୁଣ, ଅଜ୍ଞାନ କଦାପି ଗ୍ରହଣ କରିବ ନାହିଁ।

୬. ସୂର୍ଯ୍ୟ ପୃଥିବୀପୃଷ୍ଠରୁ ଜଳ ବାଷ୍ପ ଆକାରରେ ନିଅନ୍ତି ସଂସାରର କଲ୍ୟାଣ ଉଦ୍ଦେଶ୍ୟରେ ଏବଂ ତାହା ସେ ମେଘ ସୃଷ୍ଟି କରି ବର୍ଷା ଆକାରରେ ଦିଅନ୍ତି। ସେହିପରି ବିଦ୍ୟାର୍ଥୀ ସକଳ ଉପଲବ୍ଧ ଉତ୍ସରୁ ଜ୍ଞାନ ସଂଗ୍ରହ କରି ତାହାକୁ ପୁଣି ସଂସାରର କଲ୍ୟାଣ କାମନାରେ ଅକାତରେ ବିତରଣ କରିବ।

୭. ସୂର୍ଯ୍ୟ ପ୍ରେରଣା, ଗତି, ଦିଅନ୍ତି। ସୂର୍ଯ୍ୟୋଦୟ ହେଲେ ପ୍ରାଣୀମାନଙ୍କର ଜୀବନଯାତ୍ରା, ଗତି ଆରମ୍ଭ ହୋଇଯାଏ, ବୃକ୍ଷ-ବନସ୍ପତି ଖାଦ୍ୟପ୍ରସ୍ତୁତିରେ ଲାଗିପଡ଼ନ୍ତି। ସେହିପରି ବିଦ୍ୟାର୍ଥୀର କର୍ତ୍ତବ୍ୟ ହେଲା ଯେ ସେ ନିଜ ଆଖପାଖରେ ଥିବା ନିରାଶ-ହତାଶ ଲୋକଙ୍କ ଭିତରେ ସଦା ନବୀନ ପ୍ରେରଣା-ଉତ୍ସାହ ଭରିବା ପାଇଁ ପ୍ରଯତ୍ନଶୀଳ ହେବ, ସର୍ବଦା ଅନ୍ୟମାନଙ୍କ ପ୍ରେରଣାସ୍ରୋତ ହେବ, କୌଣସି ଉଚିତ କାର୍ଯ୍ୟରେ କାହାକୁ କେବେ ନିରୁତ୍ସାହିତ କରିବ ନାହିଁ।

୮. ସୂର୍ଯ୍ୟଙ୍କ ପ୍ରଖର କିରଣ ନାଳ-ନର୍ଦ୍ଦମା ଆଦିରେ ପଡ଼ି ହାନିକାରକ ରୋଗଜୀବାଣୁଙ୍କୁ ବିନାଶ କରିଦିଏ। ସେହିପରି ବ୍ରହ୍ମଚାରୀ ସ୍ୱ ପ୍ରଖର ପ୍ରଜ୍ଞା, ଶାଣିତ ତର୍କ, ଉଜ୍ଜ୍ୱଳ-ଧବଳ ଚରିତ୍ର, ଆତ୍ମଶକ୍ତି-ଆତ୍ମବିଶ୍ୱାସପୂର୍ଣ୍ଣ ପ୍ରଚଣ୍ଡ ପୁରୁଷାର୍ଥ ଦ୍ୱାରା ସମାଜରୁ ଦୁର୍ଗୁଣ-ଦୁର୍ବ୍ୟସନ, କୁରୀତି-ନୀତି, ଅନ୍ଧବିଶ୍ୱାସ, କୁସଂସ୍କାର, ପାଖଣ୍ଡ ଆଦି ଦୂର କରିବା ପାଇଁ ଚେଷ୍ଟା କରିବା ଉଚିତ।

୯. ସୂର୍ଯ୍ୟଙ୍କ ପ୍ରଖର କିରଣ ଦୁର୍ଗନ୍ଧିତ-ପ୍ରଦୂଷିତ-ଅପବିତ୍ର ସ୍ଥାନରେ ପଡ଼ିବା ଦ୍ୱାରା ସେ ସ୍ଥାନରୁ ଅଶୁଦ୍ଧି-ଦୁର୍ଗନ୍ଧ-ଅପବିତ୍ରତା ତ ଦୂର ହୁଏ, ତା' ସହ ଅପବିତ୍ର ପଦାର୍ଥ ସଂସ୍ପର୍ଶରେ ଆସିଥିଲେ ସୁଦ୍ଧା ସୂର୍ଯ୍ୟକିରଣ ଶୁଦ୍ଧ ରହିଥାଏ। ସେହିପରି ବ୍ରହ୍ମଚାରୀ ସଂସାରରୁ ଦୁର୍ଗୁଣ-ଦୁର୍ବ୍ୟସନ-ଅପବିତ୍ରତା ଦୂର କରିବା କାର୍ଯ୍ୟରେ ତ ସଂଲଗ୍ନ ରହିବା ଉଚିତ; କିନ୍ତୁ ସେସବୁର ସଂସ୍ପର୍ଶରେ ଅସି କେବେ ବି ନିଜେ ତଦ୍ଦ୍ୱାରା ଆକ୍ରାନ୍ତ ହୋଇ ଅପବିତ୍ର ଗୁଣ-କର୍ମ ନ ଆପଣେଇବା ଉଚିତ, ନିଜର ଶୁଦ୍ଧତା ସଦା ବଜାୟ ରଖିବା ଉଚିତ।

୧୦. ବେଳେବେଳେ ମେଘ ସୂର୍ଯ୍ୟଙ୍କୁ ଡାଙ୍କିଦିଏ। କିନ୍ତୁ ସମସ୍ତ ମେଘମାଳାକୁ ଛିନ୍ନ-ଭିନ୍ନ କରି ପରବର୍ତ୍ତୀ କାଳରେ ସୂର୍ଯ୍ୟ ପୁଣି ପ୍ରକାଶିତ ହୋଇଯାନ୍ତି। ସେହିପରି

ଜୀବନରେ ଯେତେ ବିପରୀତ ପରିସ୍ଥିତି ଆସିଲେ ମଧ୍ୟ ବ୍ରହ୍ମଚାରୀ ହତୋତ୍ସାହିତ ନ ହୋଇ, ଦ୍ୱିଗୁଣ ଉତ୍ସାହରେ ସମସ୍ୟାର ସମାଧାନ ପାଇଁ ଯତ୍ନବାନ୍ ହେବା ଉଚିତ।

ତଦନନ୍ତର **ଶିଷ୍ୟ ଦ୍ୱାରା ଆଚାର୍ଯ୍ୟଙ୍କ ପ୍ରଦକ୍ଷିଣା।** ସୂର୍ଯ୍ୟଦର୍ଶନ ପରେ ଆଚାର୍ଯ୍ୟ ଯେଉଁ କହନ୍ତି — **'ସୂର୍ଯ୍ୟସ୍ୟାବୃତମନ୍ୱାବର୍ତ୍ତସ୍ୱ'** (ମନ୍ତ୍ରବ୍ରା. ୧:୬:୨୦) ତା'ର ଅର୍ଥ ଏହା ବି ଅଟେ — **(ସୂର୍ଯ୍ୟସ୍ୟ)** ସୂର୍ଯ୍ୟ ସମ ପ୍ରକାଶମାନ, ଜ୍ଞାନଜ୍ୟୋତିରେ ଉଦ୍‌ଭାସିତ ଆଚାର୍ଯ୍ୟଙ୍କ **(ଆବୃତମ୍)** ଆବର୍ତ୍ତରେ, ଚତୁର୍ଦ୍ଦିଗରେ ବୃତ୍ତାକାରରେ **(ଅନୁ ଆ ବର୍ତ୍ତସ୍ୱ)** ଅନୁବର୍ତ୍ତନ କର, ଅନୁକୂଳ ହୋଇ ଅନୁସରଣ କର। ଶିଷ୍ୟ ଆଚାର୍ଯ୍ୟଙ୍କୁ ପ୍ରଦକ୍ଷିଣ କରି ତାଙ୍କ ସମ୍ମୁଖରେ ବସେ। ଏଠାରେ ଆଚାର୍ଯ୍ୟଙ୍କୁ ସୂର୍ଯ୍ୟର ଉପମା ଦିଆଯାଇଛି। କାରଣ ସେ ଜ୍ଞାନଜ୍ୟୋତିରେ ପ୍ରକାଶମାନ୍। ପୃଥିବୀ ସ୍ୱ କକ୍ଷପଥରେ ସୂର୍ଯ୍ୟ ଚତୁର୍ଦ୍ଦିଗରେ ପ୍ରଦକ୍ଷିଣ କରେ ଓ ସୂର୍ଯ୍ୟଙ୍କ ପ୍ରକାଶରେ ପ୍ରକାଶିତ ହୁଏ। ପୃଥିବୀ ସୂର୍ଯ୍ୟର ମହାକର୍ଷଣ ଶକ୍ତି ଆଧାରରେ ମହାକାଶରେ ଅବସ୍ଥିତ। ପୃଥିବୀ ଯଦି ସ୍ୱ କକ୍ଷରୁ ଚ୍ୟୁତ ହୋଇଯାଏ ତେବେ ବିଶାଳ ମହାକାଶରେ ତା'ର ସ୍ଥିତି କ'ଣ ହେବ ଚିନ୍ତା କରିପାରିବା କଷ୍ଟକର। ସେହିପରି ଶିଷ୍ୟ ଆଚାର୍ଯ୍ୟଙ୍କୁ କେନ୍ଦ୍ର କରି, ଆଚାର୍ଯ୍ୟଙ୍କ ନିୟମ-ଅନୁଶାସନ ରୂପକ ଆକର୍ଷଣ ଶକ୍ତିରେ ଆବଦ୍ଧ ହୋଇ ଗୁରୁଙ୍କ ପ୍ରଦର୍ଶିତ ପଥରେ ଗତି କରେ ତେବେ ଜୀବନରେ କଲ୍ୟାଣ ସାଧିତ ହେବ। ଗୁରୁଙ୍କ ଠାରୁ ସତତ ଜ୍ଞାନାଲୋକ ପାଇ ତା' ଜୀବନ ଜ୍ଞାନାଲୋକରେ ପ୍ରକାଶିତ ହୋଇଯିବ। ଲକ୍ଷ୍ୟ ପ୍ରାପ୍ତି, ସାଧନାରେ ସିଦ୍ଧି ପାଇଁ ଗୁରୁକୈନ୍ଦ୍ରିକ ଜୀବନ ଯାପନ ଏକାନ୍ତ ଅପରିହାର୍ଯ୍ୟ। ଆଉ ଯଦି ସେ ସ୍ୱେଚ୍ଛାଚାରୀ, ଉଚ୍ଛୃଙ୍ଖଳ ହୋଇ ଗୁରୁଙ୍କ ନିୟମ-ଅନୁଶାସନ ଭାଙ୍ଗି ନିଜ ଇଚ୍ଛାନୁସାରେ ଚାଲେ ମହାନ୍ ବିନାଶ ହିଁ ତା'ର ଭବିତବ୍ୟ। ଜୀବନରେ ଲକ୍ଷ୍ୟରେ ଉପନୀତ ହେବା ପାଇଁ ଗୁରୁଙ୍କ ପ୍ରଦର୍ଶିତ ପଥର ସେ ଅନୁସରଣ କରିବ, ଗୁରୁଙ୍କୁ କେନ୍ଦ୍ର କରି ତାଙ୍କରି ନିୟମ-ସଂଯମ-ଅନୁଶାସନ ଆଧାରରେ ପ୍ର ଦତ୍ତ ସାଧନା ବୃତ୍ତ-ପଥରେ ଅନୁବର୍ତ୍ତନ କରିବ ଏଇ ଦୃଢ଼ସଂକଳ୍ପ ମନରେ ନେଇ ଶିଷ୍ୟ ଗୁରୁଙ୍କୁ ପ୍ରଦକ୍ଷିଣ କରେ।

**ପ୍ର.କ. —** ଆପଣ କହିଲେ ଯେ ନାରୀ-ପୁରୁଷ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଉପରେ ପିତୃଋଣ, ଋଷିଋଣ ଓ ଦେବଋଣ - ଏ ତିନି ଋଣ ରହିଛି ଏବଂ ଏହାକୁ ମନେରଖିବା ତଥା ପରିଶୋଧ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେବାର ପ୍ରତୀକ ରୂପେ ଯଜ୍ଞୋପବୀତ ଧାରଣ କରିବାର ଅନିବାର୍ଯ୍ୟ ବ୍ୟବସ୍ଥା ବୈଦିକ ସଂସ୍କୃତିରେ କରାଯାଇଛି। ଯଜ୍ଞୋପବୀତ ବୈଦିକ ସଂସ୍କୃତିର ପ୍ରତୀକ, ଆମ ସ୍ୱାଭିମାନ ଓ ଅସ୍ମିତାର ଚିହ୍ନ। ତେଣୁ ପ୍ରତ୍ୟେକ ସ୍ୱାଭିମାନୀ, ସଂସ୍କୃତିପ୍ରେମୀ, ଦାୟିତ୍ୱବାନ୍, କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ଅବଶ୍ୟ ଯଜ୍ଞୋପବୀତ ଧାରଣ କରିବା ଉଚିତ। ଉପନୟନ ସଂସ୍କାର ୮-୧୦-୧୨ ବର୍ଷ ବୟସ ଭିତରେ ହୋଇଯିବା କଥା। କିନ୍ତୁ କୌଣସି କାରଣ ବଶତଃ ଯେଉଁମାନଙ୍କର ଉପନୟନ ସଂସ୍କାର ବିଧିବଦ୍ଧ ରୂପେ ଉଚିତ ସମୟରେ ହୋଇପାରିନାହିଁ, ସେମାନଙ୍କ ବୟସ ଅଧିକ ହୋଇଗଲାଣି, ସେମାନେ ଯଦି ଆଜି ଏହାର ଆବଶ୍ୟକତା ଓ ଉପଯୋଗିତାକୁ ହୃଦୟଙ୍ଗମ କରି ନିଜର ଉପନୟନ କରିବାକୁ, ଯଜ୍ଞୋପବୀତ ଧାରଣ କରିବାକୁ ଚାହାନ୍ତି, ତେବେ ସମ୍ଭବ କି ?

**ସ୍ୱାମୀଜୀ —** ହଁ। ମୃତ୍ୟୁ ପର୍ଯ୍ୟନ୍ତ ବ୍ୟକ୍ତିର ଶିକ୍ଷା ଚାଲିଥାଏ। ଏଣୁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ବ୍ୟକ୍ତି ନିଜ ଭିତରେ ଶିଷ୍ୟତ୍ୱର ଭାବନା ରଖି ଆତ୍ମୋନ୍ନତି ମାର୍ଗରେ ନିରନ୍ତର ଅଗ୍ରସର ହୋଇଚାଲିବା ଉଚିତ। ଏଣୁ ପରିଣତ ବୟସରେ ଯଜ୍ଞୋପବୀତର ଉପଯୋଗିତା ଜାଣିବାକୁ ପାଇଲେ ସେ ସମୟରେ ବି ତାହା ଧାରଣ କରିବା ଉଚିତ। ଏହା ଆମ ବ୍ରତର ପ୍ରତୀକ, ବ୍ରତସୂତ୍ର। ଏହା ଆଚାର୍ଯ୍ୟ ଓ ଶିଷ୍ୟଙ୍କ ପାରସ୍ପରିକ ସ୍ନେହ-ଶ୍ରଦ୍ଧାର ବନ୍ଧନର ସୂତ୍ର।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**
**ଗାୟତ୍ରୀ ପାଣିଗ୍ରାହୀ**

❖❖❖

# ମୃତ୍ୟୁ ଓ ତା'ପରେ

ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ

ଯଦି ମୃତ୍ୟୁ ଦ୍ୱାରା ଜୀବନର ପ୍ରାପ୍ତି ହୁଏ, ତେବେ ମୃତ୍ୟୁ ଆଉ ମୃତ୍ୟୁ ହୋଇ ନ ପାରେ ଏବଂ ମୃତ୍ୟୁ ପରେ ଜୀବନର କଳ୍ପନା ବ୍ୟତୀତ ଆମେ ମୃତ୍ୟୁ ବିଷୟରେ ଚିନ୍ତା ହିଁ କରିପାରିବା ନାହିଁ । ମୃତ୍ୟୁର ଅର୍ଥ ନିଃସନ୍ଦେହ ରୂପେ ବିୟୋଗ ଅଟେ, କେବଳ ନିଜର ମିତ୍ରଙ୍କଠାରୁ ନୁହେଁ, ବନ୍ଧୁ-ପରିଜନଙ୍କଠାରୁ, ଭୌତିକ ସମ୍ପତ୍ତିଠାରୁ, ବାତାବରଣଠାରୁ ଏବଂ ନିଜର ସର୍ବାଧିକ ନିକଟତମ ବସ୍ତୁ, ଯଥା— ନିଜ ଇନ୍ଦ୍ରିୟ ଓ ଶରୀର ଠାରୁ ମଧ୍ୟ । କିନ୍ତୁ ନିଜ ଠାରୁ ନିଜେ ପୃଥକ ହେବା ନିରର୍ଥକ ଅଟେ । ଆପଣ ସବୁ କିଛି ଛାଡ଼ି ପାରନ୍ତି, କିନ୍ତୁ ନିଜକୁ ତ୍ୟାଗ କରିପାରିବେ ନାହିଁ । ମୃତ୍ୟୁର ଅର୍ଥ ନିଜର ବିନାଶ, ନିଜ ସତ୍ତାର ସର୍ବଥା ସମାପ୍ତି ନୁହେଁ ।

## ଆଖି ଦେଖେ ନାହିଁ - ମୁଁ ଦେଖେ

ଯେଉଁ ଶରୀରରେ ମୋର ନିବାସ ଥିଲା ତାହାର ବିନାଶର ନାମ ମୃତ୍ୟୁ ଅଟେ । ମୁଁ ଶରୀର ନ ଥିଲି । ମୁଁ ଶରୀରରେ କେବଳ ରହୁଥିଲି । ଏହା ସ୍ପଷ୍ଟ, ସ୍ୱତଃସିଦ୍ଧ ସତ୍ୟ ଅଟେ । ପ୍ରତ୍ୟେକ ବ୍ୟକ୍ତି ଏହାକୁ ଅନୁଭବ କରିପାରନ୍ତି । ଯେଉଁ ଶରୀରରେ ମୁଁ ରହେ ତାହାର ଅନେକ ଭାଗ ରହିଛି ଯାହାକୁ ଆମେ ଅଙ୍ଗ ବୋଲି କହୁ । ଏହି ଅଙ୍ଗଗୁଡ଼ିକ ତ କେବଳ ଯନ୍ତ୍ର ଅଟନ୍ତି ଯାହାଦ୍ୱାରା ମୁଁ କାର୍ଯ୍ୟ କରେ । ମୁଁ କହେ କି ଆଖି ଦେଖେ, କିନ୍ତୁ ଏହି ଉକ୍ତି ଠିକ୍ ନୁହେଁ । ସତ୍ୟ ଏହା ଯେ ମୋର ଆଖି ଦେଖେ ନାହିଁ, ଦେଖିବା ବ୍ୟକ୍ତି ମୁଁ । ବେଳେବେଳେ ଏପରି ଅନେକ ସମୟ ଆସେ ଯେତେବେଳେ ଆଖି ଖୋଲାଥାଏ ଓ ବାହାର ଜଗତର ପ୍ରକାଶ ସହ ଆଖିର ସମ୍ବନ୍ଧ ବି ହୁଏ, ତଥାପି ଏହା କିଛି ଦେଖେ ନାହିଁ । ହୁଏତ ସେତେବେଳେ ମୁଁ ଅନ୍ୟ କେଉଁଥିରେ ବ୍ୟସ୍ତ ଅଛି, ଅନ୍ୟ ଇନ୍ଦ୍ରିୟରେ କାର୍ଯ୍ୟ କରୁଛି ବା ବିଶ୍ରାମ କରୁଛି । ଏସବୁ ମୋର ଇନ୍ଦ୍ରିୟ ବା ଅଙ୍ଗ ଅଟନ୍ତି; କିନ୍ତୁ ମୋର ଅଂଶ ନୁହନ୍ତି । ମୁଁ ଅବିଭାଜ୍ୟ ଅଟେ । ମୋର ଖଣ୍ଡ ହୋଇପାରେ ନାହିଁ ।

## କିଛି ହରାଇବା ଏବଂ ପାଇବାର ଭାବ ମୋର ଅସ୍ତିତ୍ୱର ପ୍ରମାଣ

ଯଦି ମୁଁ ଚକ୍ଷୁ ହରାଏ ତେବେ ଦେଖିପାରିବି ନାହିଁ, କିନ୍ତୁ ମୋର ଅସ୍ତିତ୍ୱ ରହିବ । ମୋଠାରେ ଦେଖିବାର ଏକ ଇଚ୍ଛା ରହିଛି । ଦୁର୍ଭାଗ୍ୟବଶତଃ ଚକ୍ଷୁହୀନ ହେଲେ, ହରାଇବା ଜନିତ ଦୁଃଖ ଓ ଶୋକର ଭାବ ମୋଠାରେ ଅଛି । ଯଦି କୌଣସି ଚିକିତ୍ସକ ମୋର ଚକ୍ଷୁର ଜ୍ୟୋତି ପୁଣି ଫେରାଇ ଦିଅନ୍ତି, ତେବେ ଯାହାକିଛି ହରାଇଥିଲି ତାକୁ ପୁଣି ପାଇବାର ଆନନ୍ଦର ଅନୁଭୂତି ମୋତେ ହୁଏ । କିନ୍ତୁ ପ୍ରତ୍ୟେକ ସ୍ଥିତିରେ ମୋତେ ନିଜ ସତ୍ତାର ଅନୁଭବ ହୁଏ । ମୁଁ କିଛି ହରାଇଛି, ହଜାଇଛି, ସେହି ଭାବ ହିଁ ଏହାର ପ୍ରମାଣ ଯେ ମୁଁ ତଥାପି ବି ରହିଛି ।

## ଜାଗ୍ରତ ହେବାପରେ ସେହି ବିଚାର-ପ୍ରବାହ କାହିଁକି ?

ଯେତେବେଳେ ମୁଁ ଶୋଇଯାଏ ସେତେବେଳେ ମୋର ଇନ୍ଦ୍ରିୟଗୁଡ଼ିକ କାର୍ଯ୍ୟ କରିବା ବନ୍ଦ କରିଦିଅନ୍ତି କିମ୍ବା ମୁଁ ଏଗୁଡ଼ିକ ଦ୍ୱାରା କାର୍ଯ୍ୟ କରାଇବା ବନ୍ଦ କରିଦିଏ ।

ମୁଁ ଅନ୍ୟ କେଉଁଥିରେ ବ୍ୟସ୍ତ ରହେ ଏବଂ ସେଗୁଡ଼ିକ ବିଶ୍ରାମ ନେଇପାରନ୍ତି । ଯେତେବେଳେ ମୁଁ ଜାଗି ଉଠେ ସେମାନେ ମୋ ନିକଟରେ ନିଜର ଉପସ୍ଥିତି ସୂଚୀତ କରନ୍ତି ଏବଂ ମୁଁ ତାଙ୍କୁ ସେମାନଙ୍କ କାର୍ଯ୍ୟରେ ନିଯୁକ୍ତ କରିଦିଏ । ମୁଁ ଶୋଇବାର କିଛି ସମୟ ପୂର୍ବରୁ ମୋର ମସ୍ତିଷ୍କରେ ଯଦି କୌଣସି ବିଚାର-ପ୍ରବାହ ରହିଥିଲା ତେବେ ଯେଉଁଠି ଯେଉଁ ବିନ୍ଦୁରେ ମୁଁ ତାକୁ ଛାଡ଼ିଥିଲି, ମୁଁ ଜାଗ୍ରତ ହେବା ସଙ୍ଗେସଙ୍ଗେ ସେହି ବିଚାରର ଧାରା ସେଠାରୁ ଆଗକୁ ପ୍ରବାହିତ ହୋଇଯାଏ, ସତେ ଯେପରି ଶୋଇବା ପୂର୍ବରୁ ମୁଁ ମୋର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ରହିବା ପାଇଁ ତାକୁ ଆଦେଶ ଦେଇଥିଲି । ମୁଁ ଶୋଇ ରହିଥିଲି, ଏହାର ଅର୍ଥ ଏହା ଯେ ମୋର ସତ୍ତା ଥିଲା-ମୋର ଅସ୍ତିତ୍ୱର ଅଭାବ ନ ଥିଲା ।

## ଘଟଣା ବଦଳିଥାଏ, ମୁଁ ଅପରିବର୍ତ୍ତିତ ଥାଏ

ଏହି ମୁଁ- ଅବିଭାଜ୍ୟ ମୁଁ ଏବଂ ଏଥିପାଇଁ ବିନାଶ ରହିତ ମୁଁ, ସମସ୍ତ ଜୀବନ ପଛରେ କାର୍ଯ୍ୟରତ ଥାଏ । ମୋର ଜୀବନ ତ ପରିବର୍ତ୍ତନଶୀଳ ଘଟଣାଗୁଡ଼ିକର ଏକ ଶୃଙ୍ଖଳ, କିନ୍ତୁ ଏହି ପରିବର୍ତ୍ତନଶୀଳ ଘଟଣାଗୁଡ଼ିକ ପଛରେ ଗୋଟିଏ ତଥ୍ୟ ରହିଛି ଏବଂ ତାହା ହେଲା ଏହା ଯେ 'ମୁଁ ରହିଛି' । 'ମୁଁ' ଏବଂ 'ମୋର'ର ନିରନ୍ତର ପ୍ରୟୋଗ ବହୁତ ମହତ୍ତ୍ୱପୂର୍ଣ୍ଣ । ଏଥିରେ ବିରାଟ ଅର୍ଥ-ଗୌରବ, ଅର୍ଥ-ଗାମ୍ଭୀର୍ଯ୍ୟ ରହିଛି ।

ସେହି ଘଟଣାଗୁଡ଼ିକ ଯାହାସବୁ ଘଟିଥାନ୍ତି ଓ ଲୋପପାଇଯାନ୍ତି, ଗୋଟିଏ ଅନ୍ୟଠାରୁ ଭିନ୍ନ ହୋଇଥାନ୍ତି । ଏହି ଘଟଣାଗୁଡ଼ିକର ନାମ ଜୀବନ ନୁହେଁ । ଏହା ତ ସେହି ମୁଁ, ଅପରିବର୍ତ୍ତନଶୀଳ ମୁଁ ଅଟେ ଯିଏ ମାଳାର କଣ୍ଢିଗୁଡ଼ିକୁ ଯୋଡ଼ି ରଖୁଥିବା ସୂତା ପରି ଏହି ଘଟଣାଗୁଡ଼ିକୁ ଯୋଡ଼ିଥାଏ । ଘଟଣାଗୁଡ଼ିକ ଆସନ୍ତି, ଯାଆନ୍ତି; କିନ୍ତୁ ଜୀବନ ତ ରହିଥାଏ; ଅର୍ଥାତ୍ ମୁଁ ନିରନ୍ତର ରହିଥାଏ । ମୁଁ ଏକ ଜୀବିତ ପ୍ରାଣୀ ଅଟେ ।

## କର୍ମର ଅର୍ଜନ ମୋର ଅସ୍ତିତ୍ୱର ପ୍ରମାଣ

ମୋ ଜୀବନର ଘଟଣାଗୁଡ଼ିକ ଏହି ବିଚାରକୁ ପ୍ରମାଣିତ କରନ୍ତି । ଯେଉଁ ଘଟଣା ବି ଘଟିଯାଏ ସେ ଘଟଣା ମୋତେ କିଛି ଦେଇଥାଏ - କିଛି ଦୁଃଖ, କିଛି ସୁଖ, ବା କିଛି ଅନୁଭବ ପ୍ରାପ୍ତ ହୋଇଥାଏ । ସମସ୍ତ ସୁଖ, ଦୁଃଖ ଓ ଅନୁଭବକୁ ମୁଁ ଏପରି ସଂଗ୍ରହ କରେ ଯେପରିକି ଏହା ମୋର ରୋଜଗାର । ସେସବୁ ଏହି ଘଟଣାଗୁଡ଼ିକର ସମ୍ପଦ ନୁହେଁ । ଘଟଣାଗୁଡ଼ିକ ତ ଘଟିଗଲେ ଓ ଚାଲିଗଲେ ଏବଂ ଏହି ଉପର୍ଜନ ମୋ ପାଇଁ ଛାଡ଼ିଗଲେ । ଯଦି 'ମୁଁ' ବୋଲି ଏହି ଘଟଣାଗୁଡ଼ିକ ଠାରୁ ଭିନ୍ନ କିଛି ସତ୍ତା ନ ଥାଆନ୍ତା ଏବଂ ଏ ଘଟଣାଗୁଡ଼ିକ ହିଁ ସ୍ୱୟଂ ଜୀବନ ହୋଇଥାଆନ୍ତେ, ତେବେ ଏହି ଉପାର୍ଜନର କିଛି ବି ଅର୍ଥ ନ ଥାଆନ୍ତା ଏବଂ ମୋର ଜୀବନ ବି ଯେପରି ଅଛି, ସେପରି ହୋଇ ନ ଥାନ୍ତା । ମୁଁ ଯୁବକ, ମୁଁ ବୃଦ୍ଧ, ମୁଁ ରୋଗୀ, ମୁଁ ଏହା ପ୍ରାପ୍ତ କରିଛି, ମୁଁ ତାହା ପ୍ରାପ୍ତ କରିପାରିଲି ନାହିଁ, ମୁଁ ଏହା ଚାହେଁ, ତାହା ଚାହେଁ ନାହିଁ - ଏ ସମସ୍ତ ଭାବନାଗୁଡ଼ିକର ସେତେବେଳ ପର୍ଯ୍ୟନ୍ତ କିଛି ମହତ୍ତ୍ୱ ରହିଛି ଯେତେବେଳ ପର୍ଯ୍ୟନ୍ତ ମୁଁ ଏହି ଘଟଣାବଳୀ ଓ ମୃତ୍ୟୁଠାରୁ ପୃଥକ୍ ଅସ୍ତିତ୍ୱ ରଖେ ।

ଅତଏବ ମୃତ୍ୟୁର ଅର୍ଥ ହେଲା ଶରୀରର ବିନାଶ, ଆତ୍ମାର ନୁହେଁ । ଆତ୍ମା ପୂର୍ବରୁ ଯେପରି ଥିଲା, ସେପରି ହିଁ ରହିବ । ଏହା ଜୀବିତ ରହିବ, ଏହା ଠାରେ ସର୍ବଦା ଜୀବନ ରହିବ । ଜୀବନର ଅନ୍ୟ ଘଟଣାବଳୀ, ବ୍ୟାପାର, ବ୍ୟବହାର ସବୁକିଛି ସାଧାରଣ, ମୃତ୍ୟୁ ଘଟଣା ବହୁ ମହତ୍ତ୍ୱପୂର୍ଣ୍ଣ - ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଅତି ସାମାନ୍ୟ କିନ୍ତୁ ଅତ୍ୟନ୍ତ ଅସାମାନ୍ୟ (Most Common, Yet the

most uncommon) ।

ଧରାପୃଷ୍ଠରେ ରହୁଥିବା ପ୍ରତ୍ୟେକ ପ୍ରାଣୀର ବର୍ତ୍ତମାନ କିମ୍ବା ଭବିଷ୍ୟତରେ ମୃତ୍ୟୁ ନିଶ୍ଚିତ ଅଟେ ।

## ମୃତ୍ୟୁ ଆସିବ

ମୃତ୍ୟୁ ଆସିବାର ଅଛି । ଏହା ଅନ୍ୟଥା ହେବ ନାହିଁ । କିନ୍ତୁ ଆମେ ଏହାକୁ ଦୂରେଇ ରଖିବା, ଟାଳିଦେବା ଏବଂ ଏଥିରୁ ବର୍ତ୍ତିବା ପାଇଁ ଯେତେଦୂର ସମ୍ଭବ ହୋଇପାରେ ନିଜର ସମସ୍ତ ସାମର୍ଥ୍ୟ ସହକାରେ ପ୍ରୟାସ କରୁ । 'ଚିରଞ୍ଜୀବୀ', 'ଆୟୁଷ୍ମାନ୍' ଏହା ସବୁଠାରୁ ବଡ଼ ଆଶୀର୍ବାଦ । ତୁମକୁ 'ମୃତ୍ୟୁ ଗ୍ରାସକରୁ' ବା ତୁମର 'ମୃତ୍ୟୁ ହେଉ' ହେଉଛି ସବୁଠାରୁ କଠୋର ଅଭିଶାପ । ଜୀବନର ସମସ୍ତ ବିଭାଗ, ସ୍ୱାସ୍ଥ୍ୟ, ବାଣିଜ୍ୟ, ବିଭିନ୍ନ ସଂସ୍ଥା ସହିତ ସମ୍ବନ୍ଧ – ସବୁର ଉଦ୍ଦେଶ୍ୟ ମୃତ୍ୟୁକୁ ଦୂରେଇ ରଖିବା, ଏହାକୁ ଟାଳିଦେବା । କିନ୍ତୁ ମୃତ୍ୟୁ ତ ଆସେ । ଶିଶୁ ମରେ, କନ୍ୟା ମରେ, ଯୁବକ ମରେ, ବୃଦ୍ଧ ବି ମରିଥାଏ । ମୃତ୍ୟୁ ନିଶ୍ଚିତ, କିନ୍ତୁ ଏହାର ସମୟ ଅନିଶ୍ଚିତ ।

ମୃତ୍ୟୁ ଛପି-ଛପି ଆସେ ଏବଂ କାହାକୁ ବି କେତେବେଳେ ନେଇପାରେ ।

## ମୃତ୍ୟୁ ପରେ କ'ଣ ହେବ ?

ଆମେ ଜାଣିବା ପାଇଁ ଆଗ୍ରହୀ ହେଉ ଯେ ମୃତ୍ୟୁ ପରେ ଆମେ କ'ଣ ହେବୁ ? ଏହି ପ୍ରଶ୍ନ ଗୁଢ଼ ହୋଇଥିଲେ ବି ଅତ୍ୟନ୍ତ ରୋଚକ ଓ ମହତ୍ତ୍ୱପୂର୍ଣ୍ଣ । ଆମର ବର୍ତ୍ତମାନ ଜୀବନ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଥାଏ । ଏହାକୁ ବ୍ୟର୍ଥ ବା କାଳ୍ପନିକ ବିଚାରି ଏଥିପ୍ରତି ଉପେକ୍ଷା କରିବା ଉଚିତ ନୁହେଁ । ନିଜର ସମ୍ପୂର୍ଣ୍ଣ ବୌଦ୍ଧିକ ଶକ୍ତି ଏବଂ ଜ୍ଞାନ ଲଗାଇ ଆମେ ଏହା ଉପରେ ବିଚାର କରିବା ଆବଶ୍ୟକ ।

ଭାଷାନ୍ତର
**ପଦ୍ମନାଭ ସ୍ୱାଇଁ**

❖❖❖

**୨୭ ପୃଷ୍ଠାର ଅବଶିଷ୍ଟାଂଶ**

କରାଯିବା ଉଚିତ ?' ଦେୱାନ୍ କହିଲେ — "ଏମାନଙ୍କୁ ବନ୍ଦୀ କରି କଠୋର ଦଣ୍ଡ ଦିଆଯିବା ଉଚିତ । ଆଜୀବନ କାରାବାସ ଦେବା ଦରକାର । ଆଉ ଏହି ଦୁଷ୍ଟକୁ, ଯିଏକି ଏସମସ୍ତଙ୍କୁ ନଷ୍ଟ କରିଛି, ଯାକୁ ଗଧ ଉପରେ ବସାଇ ଚୂନକାଳି ଲଗେଇ ବୁଲାଇବା ଉଚିତ ଏବଂ କଲବଲ କରି ମାରିବା ଉଚିତ ।" ରାଜା ଓ ଦେୱାନ୍ ଚୁପି-ଚୁପି କାନରେ ମନ୍ତ୍ରଣା କରୁଥିବା ଦେଖି ସେଇ ଦୁଷ୍ଟ ମହନ୍ତ ଡରି ପଳାଇଯିବାକୁ ଚେଷ୍ଟା କଲା । କିନ୍ତୁ ଚାରିଆଡୁ ସୈନ୍ୟମାନେ ଘେରି ରହିଥିଲେ । ତେଣୁ ପଳାଇ ଯାଇପାରିଲା ନାହିଁ । ରାଜା ଆଦେଶ ଦେଲେ — "ଏ ସମସ୍ତଙ୍କୁ ଧରି ହାତକଡ଼ି ଲଗାଇଦିଅ । ଆଉ ଏହି ଦୁଷ୍ଟର ମୁହଁରେ କଳା ବୋଳି, ଗଧ ଉପରେ ବସାଇ, ଯା ବେକରେ ଜୋତାମାଳ ପକାଇ, ସବୁଆଡ଼େ ବୁଲାଇ, ପିଲାମାନଙ୍କ ଦ୍ୱାରା ଧୂଳିମାଟି ଫୋପଡ଼ାଇ, ଛକଜାଗାରେ ଜୋତାରେ ବାଡ଼େଇ, କୁକୁରଙ୍କ ଦ୍ୱାରା କାମୁଡ଼େଇ ମରାଇ ଦିଆଯାଉ । ଯଦି ଏପରି ନ କରାଯାଏ, ତେବେ ଫେରେ ଅନ୍ୟ କେହି ମଧ୍ୟ ଏପରି କାମ କରିବାକୁ ଡରିବ ନାହିଁ ।" ଏପରି କରାଯିବା ପରେ **ନାକକଟା ସମ୍ପ୍ରଦାୟ** ବନ୍ଦ ହେଲା । ବେଦ ବିରୋଧୀ ପ୍ରତ୍ୟେକ ସମ୍ପ୍ରଦାୟର ଏପରି ଲୀଳା ଚାଲିଛି ।

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ପୂର୍ବାନୁକ୍ରମିକ... **ମହର୍ଷି ଦୟାନନ୍ଦ ସରସ୍ୱତୀ**

**ପ୍ରଶ୍ନ —** ମର୍ତ୍ତ୍ୟଲୋକରେ ସେ ଲୀଳାବତାର ଧାରଣ କରିଥିବାରୁ ତାଙ୍କୁ ରୋଗ-ଦୋଷ ହୋଇଥାଏ, କିନ୍ତୁ ଗୋଲକରେ ତାଙ୍କୁ କିଛି ବି ହୁଏ ନାହିଁ । କାରଣ ଗୋଲକରେ ରୋଗ-ଦୋଷ ହିଁ ନାହିଁ ।

**ଉତ୍ତର — 'ଭୋଗେ ରୋଗଭୟମ୍'** (ବୈରାଗ୍ୟ. ୩୩) **—** ଯେଉଁଠି ଭୋଗଥାଏ, ସେଠାରେ ରୋଗ ନିଶ୍ଚୟ ଥାଏ । ଆଉ ଗୋଟିଏ କଥା ଯେ ଶ୍ରୀକୃଷ୍ଣଙ୍କ କୋଟି-କୋଟି ସ୍ତ୍ରୀଙ୍କଠାରୁ ସନ୍ତାନ ଉତ୍ପନ୍ନ ହୁଅନ୍ତି ନା ନାହିଁ ? ଯଦି ହୁଅନ୍ତି, ତେବେ କେବଳ ପୁଅ ହିଁ ଜନ୍ମ ହୁଅନ୍ତି ନା କେବଳ ଝିଅ ଅଥବା ପୁଅ-ଝିଅ ଉଭୟ ? ଯଦି କେବଳ ଝିଅ ହିଁ ଜନ୍ମ ହୁଅନ୍ତି ତେବେ ସେମାନଙ୍କ ବିବାହ କାହା ସାଙ୍ଗରେ ହୁଏ ? କାରଣ ସେଠାରେ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଅନ୍ୟ କୌଣସି ପୁରୁଷ ନାହାନ୍ତି । ଆଉ ଯଦି ବିପରୀତ ସ୍ଥିତି ଅଛି, ଅର୍ଥାତ୍ ଗୋଲକରେ ଅନ୍ୟ ପୁରୁଷ ଲୋକ ବି ଅଛନ୍ତି, ତେବେ ତୁମର ପ୍ରତିଜ୍ଞା-ହାନି ହେଲା, ତୁମେ ମିଥ୍ୟାବାଦୀ ପ୍ରମାଣିତ ହେଲ । ପୁଣି ଯଦି କୁହ ଯେ ସେଠାରେ କେବଳ ପୁଅ ହିଁ ଜନ୍ମ ହୁଅନ୍ତି, ତେବେ ବି ଏହି ପ୍ରଶ୍ନ ଆସିବ ଯେ ପୁଅମାନଙ୍କ ବିବାହ କାହା ସଙ୍ଗରେ ହୁଏ ? ଅଥବା ଘରେ ହିଁ ସବୁ ହୋଇଯାଏ ? ଆଉ ଯଦି ଅନ୍ୟ କାହାର ପୁଅ କି ଝିଅ ସେଠାରେ ଥାଏ ତେବେ ବି ତୁମରି କଥା 'ଗୋଲକରେ କେବଳ ଶ୍ରୀକୃଷ୍ଣ ହିଁ ଏକମାତ୍ର ପୁରୁଷ' ମିଥ୍ୟା ପ୍ରମାଣିତ ହେଉଛି । ତା' ଛଡ଼ା ଏକଥା ଯଦି କୁହାଯାଏ ଯେ ଗୋଲକରେ କାହାର ସନ୍ତାନ-ସନ୍ତତି ହିଁ ହୁଅନ୍ତି ନାହିଁ, ତେବେ ଶ୍ରୀକୃଷ୍ଣଙ୍କ ଠାରେ ନପୁଂସକତ୍ୱ ଓ ସ୍ତ୍ରୀମାନଙ୍କ ଭିତରେ ବନ୍ଧ୍ୟାତ୍ୱ ଦୋଷ ପ୍ରମାଣିତ ହେବ । ଅତଏବ ଏ ଗୋଲକଟା କ'ଣ ? ବୋଧେ ଦିଲ୍ଲୀର ବାଦଶାହଙ୍କ ବେଗମ୍‌ମାନଙ୍କ ସେନା !

ବର୍ତ୍ତମାନ ଆଉ ଏକ କଥା ବିଚାର କରାଯାଉ । ଗୋସାଇଁମାନେ ଶିଷ୍ୟ-ଶିଷ୍ୟାମାନଙ୍କ ତନୁ-ମନ-ଧନକୁ ନିଜ ପ୍ରତି ଯେଉଁ ଅର୍ପଣ କରାଇଥାନ୍ତି, ତାହା ମଧ୍ୟ ଠିକ୍ ନୁହେଁ । କାରଣ ଶରୀର ତ ବିବାହ ସମୟରେ ପତି-ପତ୍ନୀ ଜଣକର ଅନ୍ୟକୁ ସମର୍ପିତ ହୋଇଯାଇଥାଏ । ତା'ଛଡ଼ା ବିବାହିତା ସ୍ତ୍ରୀର ମନ ମଧ୍ୟ ଅନ୍ୟକୁ ସମର୍ପଣ କରାଯାଇପାରିବ ନାହିଁ । କାରଣ ମନ ସହ ହିଁ ତନୁର ସମର୍ପଣ ବିବାହ ହୋଇଥାଏ । ତା'ପରେ ବି ଯଦି କୌଣସି ସ୍ତ୍ରୀ ପୁଣି ଅନ୍ୟ ପୁରୁଷକୁ ମନ ସମର୍ପଣ କରେ, ତେବେ ସେ ଦୁଇ ପତି-କାରିଣୀ ବ୍ୟଭିଚାରିଣୀ ବୋଲାଇଥାଏ । ତା'ଛଡ଼ା ଯଦି ନଖରୁ ଶିଖ ପର୍ଯ୍ୟନ୍ତ ଥିବା ଶରୀର ଗୋସାଇଁଙ୍କୁ ଅର୍ପଣ କରାଯାଏ ତେବେ ସେ ଶରୀରରୁ ଉତ୍ପନ୍ନ ଧାତୁ, ମଳ, ମୂତ୍ରାଦି ମଧ୍ୟ ଗୋସାଇଁଙ୍କୁ ଅର୍ପିତ ହୋଇଗଲା । ଆଉ ବାକି ରହିଲା ଧନ କଥା । ଧନ ଅର୍ପଣ କରାଇବା ପଛରେ ଏ ଗୋସାଇଁମାନଙ୍କ ଅଭିପ୍ରାୟ ହେଲା ଯେ ରୋଜଗାର କରିବେ ଚେଲାମାନେ, ଆଉ ମଉଜ କରିବେ ଗୋସାଇଁ । ଯେତେକ ବଲ୍ଲଭ ସଂପ୍ରଦାୟୀ ଗୋସାଇଁ ଅଛନ୍ତି, ସେମାନେ ଏଯାଏ ତୈଲଙ୍ଗ ଜାତିରେ ନାହାନ୍ତି । ଭୁଲବଶତଃ ଯିଏ ଏମାନଙ୍କୁ ଝିଅ ଦିଏ, ସିଏ ମଧ୍ୟ ଜାତିରୁ ବହିଷ୍କୃତ ହୋଇଯାଏ । କାରଣ ଏମାନେ ଜାତିରୁ ପତିତ କରାହୋଇଛନ୍ତି ଏବଂ ବିଦ୍ୟାହୀନ ହୋଇ ଦିନରାତି ପ୍ରମାଦରେ ରହିଥାନ୍ତି ।

ପୁଣି ଦେଖନ୍ତୁ ! ଯଦି କେହି ଗୋସାଇଁଙ୍କୁ ସ୍ୱ ଗୃହକୁ ନିମନ୍ତ୍ରଣ କରେ, ତେବେ ସେଠାକୁ ଯାଇ କାଠପିତୁଳା ପରି

ଚୁପ୍‌ଚାପ୍ ବସି ରହନ୍ତି, ନା କଥା ନା ବାର୍ତ୍ତା । ବିଚରା କିଛି କହନ୍ତେ, ଯଦି ମୂର୍ଖ ହୋଇ ନ ଥାନ୍ତେ । କାରଣ **'ମୂର୍ଖାଣାଂ ବଲଂ ମୌନମ୍'** — ମୂର୍ଖଙ୍କ ବଳ ହେଲା ମୌନ । ଯଦି କିଛି କହନ୍ତି, ତେବେ ତାଙ୍କର ଭେଦ ଖୋଲିଯିବ । କିନ୍ତୁ ସ୍ତ୍ରୀ ଲୋକଙ୍କ ଆଡ଼କୁ ବଡ଼ ଧ୍ୟାନ ଦେଇ ଅନାଉଥାନ୍ତି । ଯେଉଁ ସ୍ତ୍ରୀକୁ ଗୋସାଇଁ ଚାହୁଁଥାନ୍ତି ସେହି ସ୍ତ୍ରୀ ନିଜକୁ ବଡ଼ ଭାଗ୍ୟବତୀ ମନେକରେ ଏବଂ ତା'ର ପତି, ଭାଇ-ବନ୍ଧୁ, ପିତା-ମାତା ଅତି ପ୍ରସନ୍ନ ହୁଅନ୍ତି । ସେଠାକାର ସମସ୍ତ ସ୍ତ୍ରୀ ଲୋକମାନେ ଗୋସାଇଁଙ୍କ ପାଦ ଛୁଅନ୍ତି । ଯେଉଁ ସ୍ତ୍ରୀ ଲୋକ ଉପରେ ଗୋସାଇଁଙ୍କ ମନ ଲାଗିଛି, ଅନ୍ୟ ଭାଷାରେ କହିଲେ କୃପା ହୋଇଛି, ତା'ର ହାତକୁ ଗୋସାଇଁ ନିଜ ପାଦର ଆଙ୍ଗୁଠିରେ ଦବେଇ ଦିଅନ୍ତି । ସେହି ସ୍ତ୍ରୀ ଏବଂ ତା'ର ପତି, ସମ୍ପର୍କୀୟମାନେ ନିଜକୁ ଧନ୍ୟ-ଧନ୍ୟ ଓ ଭାଗ୍ୟବାନ୍ ମନେକରନ୍ତି । ତା'ର ପତି ଆଦି ତାକୁ କହନ୍ତି — 'ତୁ ଗୋସାଇଁଙ୍କ ପାଦ ସେବା କରିବାକୁ ଯା' । ଆଉ ଯେଉଁଠି କୌଣସି ସ୍ତ୍ରୀର ପତି ଆଦି ପ୍ରସନ୍ନ ହୁଅନ୍ତି ନାହିଁ, ସେଠାରେ ଦୂତୀ ବା କୁଟ୍ଟନୀଙ୍କ ଦ୍ୱାରା ଗୋସାଇଁ ନିଜ ଅଭିଳାଷ ଚରିତାର୍ଥ କରନ୍ତି । ସତ କହିବାକୁ ଗଲେ ଏପରି ଭଡୁଆ କାମ କରିବା-କରାଇବା ଲୋକ ସେମାନଙ୍କ ମନ୍ଦିରରେ ଓ ସେମାନଙ୍କ ନିକଟରେ ବହୁତ ଥାଆନ୍ତି ।

ବର୍ତ୍ତମାନ ଏମାନଙ୍କ ଦକ୍ଷିଣାର ଲୀଳା ଦେଖନ୍ତୁ । କେମିତି ମାଗନ୍ତି — 'ଆଣ ଭେଟି ଗୋସାଇଁଙ୍କର, ବୋହୂଙ୍କର, ପୁଅଙ୍କର, ଝିଅଙ୍କର, ମୁଖ୍ୟ ବାହାର ସେବକର, ଗାୟକଙ୍କର, ଠାକୁରଙ୍କର ।' ଏ ସାତ ଦୋକାନରୁ ଭଲ ଆୟ କରନ୍ତି । ଯେତେବେଳେ ତାଙ୍କର କୌଣସି ସେବକର ଅନ୍ତିମ ସମୟ ହୁଏ ସେତେବେଳେ ତା' ଛାତିରେ ନିଜ ପାଦ ଛୁଆନ୍ତି ଏବଂ ତା' ବଦଳରେ ଯାହା ମାଲ ମିଳେ ତାକୁ ଗୋସାଇଁ ସ୍ୱାହା କରିଦିଅନ୍ତି । କ'ଣ ଏହା ମହାବ୍ରାହ୍ମଣ, କରଟାଦାନ ଗ୍ରହୀତା, ମଡ଼ାଚଣ୍ଡିଆଙ୍କ ଭଳି କାମ ନୁହେଁ ?

କେହି-କେହି ଚେଲା ବିବାହ ସମୟରେ ମଧ୍ୟ ଗୋସାଇଁଙ୍କୁ ନିମନ୍ତ୍ରଣ କରନ୍ତି ଏବଂ ତାଙ୍କ ଦ୍ୱାରା ପୁଅ-ଝିଅର ପାଣିଗ୍ରହଣ କରାନ୍ତି । 'କେଶରିଆ ସ୍ନାନ' ଅର୍ଥାତ୍ ସୁଗନ୍ଧିତ ଲେପର ସ୍ନାନ ସମୟରେ ଗୋସାଇଁଙ୍କ ଶରୀରରେ ସ୍ତ୍ରୀମାନେ କେଶର ଯୁକ୍ତ ହଳଦୀ ଲେପନ କରି ଗୋଟିଏ ବଡ଼ ପାତ୍ରରେ କାଠ ପିଢ଼ା ପକାଇ ତା' ଉପରେ ଗୋସାଇଁଙ୍କୁ ବସାଇ ସ୍ତ୍ରୀ-ପୁରୁଷମାନେ ମିଶି ସ୍ନାନ କରାନ୍ତି, କିନ୍ତୁ ବିଶେଷତଃ ସ୍ତ୍ରୀ ଲୋକମାନେ ସ୍ନାନ କରାନ୍ତି । ସ୍ନାନ ପରେ ଗୋସାଇଁ ପୀତାମ୍ବର ପରିଧାନ କରି, କଠଉ ପିନ୍ଧି ବାହାରକୁ ବାହାରି ଆସିବା ସମୟରେ ଓଦା ଧୋତିକୁ ସେହି ପାତ୍ରରେ ପକେଇ ଦିଅନ୍ତି । ତାଙ୍କ ସେବକମାନେ ସେହି ଗାଧୁଆ ଓ ଲୁଗାଧୁଆ ପାଣିକୁ ସେବନ କରନ୍ତି । ପୁଣି ବଢ଼ିଆ ମସଲା ଯୁକ୍ତ ପାନ, ବିଡ଼ି ଗୋସାଇଁଙ୍କୁ ଦିଅନ୍ତି । ଗୋସାଇଁ ସେହି ପାନ ଚୋବାଇ-ଚୋବାଇ କିଛି ଖାଆନ୍ତି, ଅବଶିଷ୍ଟ ପିକ-ଉଚ୍ଛିଷ୍ଟକୁ ତାଙ୍କ ସେବକ ହାତରେ ଧରି ତାଙ୍କ ମୁହଁ ଆଗରେ ଦେଖାଇଥିବା ରୁପା ପାତ୍ରରେ ପକାଇ ଦିଅନ୍ତି । ସେହି ପାନ ପିକ ମଧ୍ୟ ଶିଷ୍ୟଙ୍କ ମଧ୍ୟରେ ପ୍ରସାଦ ରୂପେ ବଣ୍ଟାଯାଏ, ଯାହାକୁ କି **'ବିଶେଷ ପ୍ରସାଦ'** କହନ୍ତି । ବର୍ତ୍ତମାନ ବିଚାର କରନ୍ତୁ କି ଏମାନେ କି ପ୍ରକାର ମଣିଷ ?

ଏମାନଙ୍କର ଯେତେ ମୂଢ଼ତା ଓ ଅନାଚାର ଥିବ, ତାହା କ'ଣ ଏତିକି ହିଁ ଥିବ ? କାରଣ ଏମାନେ ବହୁତ ସମର୍ପଣ ନିଅନ୍ତି । ଏମାନଙ୍କ ମଧ୍ୟରୁ ଅନେକ ବୈଷ୍ଣବମାନଙ୍କ ହାତରୁ ହିଁ ଖାଆନ୍ତି, ଅନ୍ୟମାନଙ୍କ ହାତରୁ ଖାଆନ୍ତିନି । କେତେକ କେବଳ ନିଜ ହାତରେ ରାନ୍ଧି ଖାଇଥାନ୍ତି । ଏଣେ କାଠକୁ ମଧ୍ୟକୁ ଧୋଇ ହିଁ ବ୍ୟବହାର କରନ୍ତି; କିନ୍ତୁ ତେଣେ ଅଟା, ଗୁଡ଼, ଚିନି, ଘିଅ ଆଦିକୁ ନ ଧୋଇଲେ ମଧ୍ୟ ତାଙ୍କର ପବିତ୍ରତାରେ କୌଣସି ଆଞ୍ଚ ଆସେ ନାହିଁ । କ'ଣ କରିବେ ବିଚରାମାନେ ! ଯଦି ଏସବୁକୁ ମଧ୍ୟ ଧୋଇଲେ ହିଁ ବ୍ୟବହାର କରିବେ, ତେବେ ବ୍ୟବହାର ପାଇଁ କିଛି

ବଳକା ନ ଥିବ । ସେମାନେ କହନ୍ତି କି ଆମେ ଠାକୁରଙ୍କ ରଙ୍ଗ-ରାଗ, ଭୋଗରେ ବହୁତ ଧନ ଖର୍ଚ୍ଚ କରିଦେଉଛୁ । କିନ୍ତୁ ସେମାନେ ରଙ୍ଗ-ରାଗ, ଭୋଗ ନିଜେ ହିଁ କରନ୍ତି । ଆଉ ଯଦି ବାସ୍ତବିକତା ପ୍ରକାଶ କରାଯାଏ କଥା ହେଲା ସେଠାରେ ବଡ଼-ବଡ଼ ଅନର୍ଥ ହୋଇଥାଏ । ଅର୍ଥାତ୍ ହୋଲି ସମୟରେ ପିଚିକାରିରେ ରଙ୍ଗପାଣି ଭର୍ତ୍ତିକରି ସ୍ତ୍ରୀମାନଙ୍କ ଅସ୍ପର୍ଶନୀୟ ଅବୟବ ବା ଗୁପ୍ତସ୍ଥାନ ଉପରେ ମାରନ୍ତି । ରସବିକ୍ରୟ ଅର୍ଥାତ୍ ଅନ୍ନ-ବ୍ୟଞ୍ଜନାଦି ବିକ୍ରି କାମ ବ୍ରାହ୍ମଣଙ୍କ ପକ୍ଷେ ନିଷିଦ୍ଧ ହୋଇଥିବା ବେଳେ, ତାହା ବି କରନ୍ତି ।

**ପ୍ରଶ୍ନ —** ଭାତ, ଡାଲି, ରୁଟି, ତରକାରି, କଢ଼ୀ, ଲଡୁ ପ୍ରଭୃତିକୁ ଗୋସାଇଁ ତ ପ୍ରତ୍ୟକ୍ଷ ରୂପେ ଦୋକାନରେ ବସି ବିକନ୍ତି ନାହିଁ, ବରଂ ନିଜ ଚାକର-ବାକରଙ୍କୁ ପାତ୍ରରେ ବାଣ୍ଟି ଦିଅନ୍ତି । ସେମାନେ ତାକୁ ନେଇ ବିକନ୍ତି, ଗୋସାଇଁ ବିକନ୍ତି ନାହିଁ ।

**ଉତ୍ତର —** ଯଦି ଗୋସାଇଁ ସେମାନଙ୍କୁ ମାସିକ ଦରମା ଟଙ୍କା ଆକାରରେ ଦେଉଥାନ୍ତେ, ତେବେ ସେମାନେ କାହିଁକି ଖାଦ୍ୟଥାଳି ନେଇଥାନ୍ତେ ? ଗୋସାଇଁ ନିଜ ଚାକର-ବାକରଙ୍କୁ ଦରମା ବାବଦରେ ଭାତ-ଡାଲି ଆଦି ଦିଅନ୍ତି, ସେମାନେ ତାହା ବାଧ୍ୟ ହୋଇ ହାଟ-ବଜାରରେ ବିକନ୍ତି । ଯଦି ଗୋସାଇଁ ନିଜେ ବଜାରରେ ବିକନ୍ତେ, ତେବେ ବ୍ରାହ୍ମଣ ସେବକମାନେ ତ କମ୍ ସେ କମ୍ ରସବିକ୍ରୟ ଦୋଷ ବା ଅନ୍ନ-ବ୍ୟଞ୍ଜନ ବିକ୍ରି ଦୋଷରୁ ରକ୍ଷା ପାଇଯାନ୍ତେ; ଏକୁଟିଆ ଗୋସାଇଁ ହିଁ ଏହି ପାପର ଭାଗୀ ହୋଇଥାନ୍ତେ । ବର୍ତ୍ତମାନ ତ ପ୍ରଥମେ ସିଏ ଏ ପାପରେ ବୁଡ଼ିଲେ, ତା'ପରେ ଅନ୍ୟମାନଙ୍କୁ ବି ବୁଡ଼ାଇଲେ । ନାଥଦ୍ୱାରା ଆଦି କୌଣସି-କୌଣସି ସ୍ଥାନରେ ତ ଗୋସାଇଁ ମଧ୍ୟ ନିଜେ ଏହା ବିକିଥାନ୍ତି । ରସବିକ୍ରୟ ହେଉଛି ନିମ୍ନ ବର୍ଗର କାମ, ଉତ୍ତମ ବର୍ଗର ଲୋକଙ୍କ କାମ ନୁହେଁ । ଏଭଳି ଲୋକମାନେ ଆର୍ଯ୍ୟାବର୍ତ୍ତର ଅଧୋଗତି କରିଦେଇଛନ୍ତି ।

## ସ୍ୱାମୀନାରାୟଣମତ ସମୀକ୍ଷା

**ପ୍ରଶ୍ନ — 'ସ୍ୱାମୀନାରାୟଣ ମତ'** କିପରି ?

**ଉତ୍ତର — 'ଯାଦୃଶୀ ଶୀତଲା ଦେବୀ, ତାଦୃଶୋ ବାହନଃ ଖରଃ' —** ଧନହରଣାଦି ନିମନ୍ତେ ଗୋସାଇଁଙ୍କ ଯେମିତି ଲୀଳା, ସ୍ୱାମୀନାରାୟଣଙ୍କର ମଧ୍ୟ ସେମିତି । **'ସହଜାନନ୍ଦ'** ନାମକ ଜଣେ ବ୍ୟକ୍ତି ଅଯୋଧ୍ୟା ନିକଟସ୍ଥ ଏକ ଗ୍ରାମରେ ଜନ୍ମିଥିଲା । ସେ ବ୍ରହ୍ମଚାରୀ ହୋଇ ଗୁଜରାଟ, କାଠିଆବାଡ଼, କଚ୍ଛ-ଭୁଜ ଆଦି ଅଞ୍ଚଳରେ ବୁଲୁଥିଲା । ସେ ଦେଖିଲା ଯେ ସେଠାର ଲୋକ ନିରୀହ ଓ ସାଧା-ସିଧା । ଏମାନଙ୍କୁ ଯେମିତି ନିଜ ମତରେ ଚଳାଅ ଏମାନେ ସେପଟେ ଚଳିବେ । ସିଏ ଦୁଇ-ଚାରିଜଣଙ୍କୁ ଶିଷ୍ୟ କଲା । ସେମାନେ ନିଜ ମଧ୍ୟରେ ଆଲୋଚନା କରି ପ୍ରଚାର କଲେ ଯେ ସହଜାନନ୍ଦ 'ନାରାୟଣଙ୍କ ଅବତାର' ଓ ବଡ଼ ସିଦ୍ଧ ଏବଂ 'ଚତୁର୍ଭୁଜ ମୂର୍ତ୍ତି' ଧାରଣ କରି ଭକ୍ତଙ୍କୁ ସାକ୍ଷାତ୍ ଦର୍ଶନ ମଧ୍ୟ ଦିଅନ୍ତି ।

ସେ ସମୟରେ କାଠିଆବାଡ଼ରେ ଜଣେ 'କାଠୀ' ଅର୍ଥାତ୍ 'ଦାଦାଖାଚର' ନାମକ ଗଢ଼ଡ଼େର ଜମିଦାର ଥିଲେ । ସହଜାନନ୍ଦର ଶିଷ୍ୟମାନେ ତା' ନିକଟକୁ ଯାଇ କହିଲେ — 'ଯଦି ତୁମେ ଚତୁର୍ଭୁଜ ନାରାୟଣଙ୍କ ଦର୍ଶନ କରିବାକୁ ଚାହଁ ତେବେ ଆମେ ସହଜାନନ୍ଦଙ୍କୁ ଏଥିପାଇଁ ପ୍ରର୍ଥନା କରିବୁ ।' ସେ କହିଲେ — 'ଅତି ଉତ୍ତମ କଥା ।' ସେ ସରଳ ଲୋକ ଥିଲେ । ଏଣେ ସହଜାନନ୍ଦ ଏକ ଅନ୍ଧକାର କୋଠରୀରେ ମୁଣ୍ଡରେ ମୁକୁଟ ବାନ୍ଧି ଦୁଇ ହାତରେ ଶଙ୍ଖ-ଚକ୍ର ଧାରଣ କରି ରହିଲା ଏବଂ ଅନ୍ୟ ଜଣେ ବ୍ୟକ୍ତି ସହଜାନନ୍ଦର ପଛରେ ଠିଆ ହୋଇ ହାତରେ ଗଦା-ପଦ୍ମ ଧରି ତା'

ଶରୀରର ଉଭୟ ପାର୍ଶ୍ୱରୁ ଆଗକୁ ହାତ ବାହାର କରି ରହିଲା । ଏଭଳି ଉଭୟଙ୍କର ମିଶ୍ରଣରେ ଚତୁର୍ଭୁଜ ଭଳି ମୂର୍ତ୍ତି ହୋଇଗଲା । ସହଜାନନ୍ଦଙ୍କ ଚେଲାମାନେ ଦାଦାଖାଚରଙ୍କୁ ସେ କଠୋରୀ ପାଖକୁ ନେଇଯାଇ ତାଙ୍କୁ କହିଲେ — 'ଥରେମାତ୍ର ଆଖି ଉଠାଇ ଆଖି ପିଛୁଳାକେ ନାରାୟଣଙ୍କୁ ଦର୍ଶନ କରି ଆଖି ବନ୍ଦ କରିଦେବ ଏବଂ ତୁରନ୍ତ ବାହାରକୁ ବାହାରି ଆସିବ । ଯଦି ବହୁତ ସମୟ ରହିଁ ରହିବ, ତେବେ ନାରାୟଣ ରାଗିବେ ।' ଏପରି ସତର୍କ କରିବାର କାରଣ ହେଲା ଯେ ଚେଲାମାନଙ୍କ ମନରେ ଭୟ ଥିଲା କି ବେଶୀ ସମୟ ଦେଖିଲେ କାଳେ ଆମର କପଟ ଯୋଜନା ଧରା ପଡ଼ିଯିବ । ତା'ପରେ ସେ ଅନ୍ଧକାର ଘର ଭିତରକୁ ତାଙ୍କୁ ନେଇଗଲେ । ସେଠାରେ ସହଜାନନ୍ଦ ଚତୁର୍ଭୁଜ ବେଶ ଧାରଣ କରି ଚକଚକିଆ ରେଶମୀ ବସ୍ତ୍ର ପିନ୍ଧି ପ୍ରତିମା ପରି ନିଶ୍ଚଳ ହୋଇ ଠିଆ ହୋଇଥିଲେ । ତାଙ୍କ ଜଣେ ଚେଲା ଲଣ୍ଠନ ଜଳାଇ କଠୋରୀକୁ ଟିକିଏ ଆଲୋକିତ କଲା । ଦାଦାଖାଚର ଦେଖିଲେ ଯେ ଆଖି ଆଗରେ 'ଚତୁର୍ଭୁଜ ମୂର୍ତ୍ତି' ବିଦ୍ୟମାନ । ସମସ୍ତେ ଭକ୍ତି ଗଦ୍‌ଗଦ୍ ହୋଇ ତଳେ ମୁଣ୍ଡ ଲଗାଇ ପ୍ରଣାମ କଲେ । ଏତିକିରେ ଜଣେ ତୁରନ୍ତ ଆଲୁଅ ଲିଭାଇ ଦେଲା । ତା'ପରେ ସମସ୍ତେ ସେହି କୋଠରୀ ଭିତରୁ ବାହାରି ଆସିଲେ । ସେତେବେଳେ ରାସ୍ତାରେ ଚେଲାମାନେ ଦାଦାଖାଚରଙ୍କୁ କହିଲେ — 'ତୁମେ ଧନ୍ୟ, ତୁମର ଅହୋଭାଗ୍ୟ । ବର୍ତ୍ତମାନ ତୁମେ ଆମ ମହାରାଜଙ୍କ ଚେଲା ହୋଇଯାଅ ।' ସେ କହିଲେ — 'ବହୁତ ବଢ଼ିଆ କଥା ।' ତା'ପରେ ଯେତେବେଳେ ସେମାନେ ଅନ୍ୟ ଏକ କୋଠରୀରେ ପହଞ୍ଚିଲେ, ସେତେବେଳକୁ ସହଜାନନ୍ଦ ବେଶ-ଭୂଷା ବଦଳେଇ ପୂର୍ବ ରୂପରେ ଗଦୀରେ ବସିଥିଲେ । ସେତେବେଳେ ଚେଲାମାନେ କହିଲେ — 'ଦେଖନ୍ତୁ ! ବର୍ତ୍ତମାନ ଅନ୍ୟ ରୂପ ଧାରଣ କରି ବିରାଜମାନ ହୋଇଛନ୍ତି ।'

ଦାଦାଖାଚର ଏମାନଙ୍କ ଜାଲରେ ପଡ଼ିଗଲେ । ସେଇଠୁ ଏମାନଙ୍କ ମତର ଚେର ମାଡ଼ିଗଲା । କାରଣ ଦାଦାଖାଚର ଜଣେ ବଡ଼ ଜମିଦାର ଥିଲେ । ସହଜାନନ୍ଦ ଭଲ ଭାବରେ ସେଇଠି ଚେର ଲଗାଇଲେ । ତା'ପରେ ବହୁତ ସ୍ଥାନ ବୁଲୁଥିଲେ, ବହୁ ଲୋକଙ୍କୁ ଉପଦେଶ ଦେଉଥିଲେ, ବହୁତଙ୍କୁ ସାଧୁ ମଧ୍ୟ କରୁଥିଲେ । କେବେ କେବେ କୌଣସି ସାଧୁର କଣ୍ଠର ନାଡ଼ୀକୁ ଚିପି ଧରି ତାକୁ ମୂର୍ଚ୍ଛିତ ମଧ୍ୟ କରିଦେଉଥିଲେ । ଆଉ ସମସ୍ତଙ୍କୁ କହୁଥିଲେ ଯେ ମୁଁ ଯାକୁ ସମାଧି ଲଗାଇ ଦେଇଛି । ଏଇଭଳି ଧୂର୍ତ୍ତତା ଯୋଗୁଁ କାଠିଆବାଡ଼ର ସରଳ ଜନତା ତାଙ୍କ ପାଲରେ ପଡ଼ିଗଲେ । ସେ ମରିଗଲା ପରେ ତାଙ୍କ ଚେଲାମାନେ ବହୁତ ପାଖଣ୍ଡ ପ୍ରସାରିତ କଲେ ।

ଏକଥା ବୁଝିବା ପାଇଁ ଏହି ଦୃଷ୍ଟାନ୍ତ ଉଚିତ ହେବ । ଥରେ ଜଣେ ଚୋର ଚୋରି କରୁଥିବା ବେଳେ ଧରାପଡ଼ିଲା । ବିଚାରପତି ତା'ର ନାକ କାଟି ଦେବା ପାଇଁ ଦଣ୍ଡବିଧାନ କଲେ । ତା'ର ନାକ କାଟି ଦିଆଯିବା ପରେ ପରେ ସେ ଧୂର୍ତ୍ତ ବଡ଼ ଖୁସିରେ ନାଚିବା, ଗାଇବା ଓ ହସିବାକୁ ଆରମ୍ଭ କରିଦେଲା । ଲୋକେ ତାକୁ ପଚାରିଲେ — 'ତୁ କାହିଁକି ଏପରି ହସୁଛୁ, ନାଚୁଛୁ ?' ସେ ଉତ୍ତର ଦେଲା — 'ଏହା ପ୍ରକାଶ କରିବା ବିଷୟ ନୁହେଁ ।' ଲୋକେ କୌତୂହଳୀ ହୋଇ ପଚାରିଲେ — 'ଏପରି କି କଥା; ଯାହାକୁ ଗୋପନ ରଖାଯିବ ?' ସେ କହିଲା — 'ବଡ଼ ଆଶ୍ଚର୍ଯ୍ୟର କଥା ! ମୁଁ କେବେ ଏପରି ଦେଖି ନ ଥିଲି ।' ଲୋକେ ଉତ୍ସୁକତାର ସହ ପୁଣି ପଚାରିଲେ — 'କହ ! କହ ! କ'ଣ ଦେଖାଯାଉଛି ?' ସେ କହିଲା — 'ମୋ ସମ୍ମୁଖରେ ସ୍ୱୟଂ ନାରାୟଣ 'ଚତୁର୍ଭୁଜ ମୂର୍ତ୍ତି' ଧାରଣ କରି ଉଭା ହୋଇଛନ୍ତି । ମୁଁ ତାଙ୍କୁ ଦର୍ଶନ କରି ଆନନ୍ଦରେ ବିହ୍ୱଳ ହୋଇ ନାଚୁଛି-ଗାଉଛି ଓ ନିଜକୁ ଧନ୍ୟ ମନେକରୁଛି ଯେ କେଡ଼େ ଭାଗ୍ୟ ମୋର ଯେ ସାକ୍ଷାତ୍ ନାରାୟଣଙ୍କୁ ଦର୍ଶନ କରୁଛି ।' ଲୋକେ ପଚାରିଲେ — 'ନାରାୟଣ ଆମକୁ କାହିଁକି ଦେଖାଯାଉନାହାନ୍ତି ?' ସେ କହିଲା — 'ନାକ ପ୍ରତିବନ୍ଧକ ହେଉଛି ଦର୍ଶନରେ । ଯଦି ନାକ କାଟି ଦେବ, ତେବେ ନାରାୟଣ ଦେଖାଯିବେ,

ନଚେତ୍ ନାହିଁ ।’ ସେମାନଙ୍କ ମଧ୍ୟରୁ କୌଣସି ଜଣେ ମୂର୍ଖ ବିଚାରିଲା ଯେ ନାକ ଗଲେ ଯାଉ ପଛକେ, କିନ୍ତୁ ନାରାୟଣଙ୍କ ଦର୍ଶନ ଅବଶ୍ୟ କରିବା ଉଚିତ । ସେ ଉତ୍କଣ୍ଠିତ ହୋଇ କହିଲା — ‘ମୋର ମଧ୍ୟ ନାକ କାଟିଦିଅ, ନାରାୟଣଙ୍କ ଦର୍ଶନ କରାଅ ।’ ସେହି ଚୋର ସେ ଲୋକର ନାକ କାଟିଦେଲା ଓ ତା’ କାନରେ କହିଲା — ‘ମୁଁ ଯେମିତି କରୁଛି ତୁ ବି ସେମିତି କର, ନ ହେଲେ ମୋ ସାଙ୍ଗରେ ତୋତେ ମଧ୍ୟ ଲୋକେ ଉପହାସ କରିବେ ।’ ସେ ଲୋକ ମଧ୍ୟ ବିଚାରିଲା ଯେ ଏବେ ନାକଟା ତ ଗଲା, ଆଉ ଆସିବ ନାହିଁ, ଏମିତି କରିବା ଠିକ୍ ହେବ, ନଚେତ୍ ଲୋକେ ଉପହାସ କରି ପ୍ରାଣ ଖାଇଯିବେ । ସେ ମଧ୍ୟ ସେ ଚୋର ପରି ନାଚିବା-ଡେଇଁବା-ଗାଇବା-ହସିବାକୁ ଲାଗିଲା ଏବଂ କହି ଚାଲିଲା — ‘ମୋତେ ମଧ୍ୟ ନାରାୟଣ ସ୍ପଷ୍ଟ ଦେଖାଯାଉଛନ୍ତି ।’ ଏମିତି ହେଉ-ହେଉ ହଜାରେ ଲୋକ ନାକ କଟାଇଲେ ଓ ନାକ କଟାମାନଙ୍କର ବଡ଼ ଦଳ ହୋଇଗଲା । ଚାରିଆଡ଼େ ହୋ-ହାଲ୍ଲା ହେଲା । ଏମାନେ ଏହି ସମ୍ପ୍ରଦାୟର ନାମ ରଖିଲେ **‘ନାରାୟଣଦର୍ଶୀ’** । କୌଣସି ଜଣେ ମୂର୍ଖ ରାଜା ଏମାନଙ୍କ ବିଷୟରେ ଶୁଣି, ଏମାନଙ୍କୁ ଡକାଇଲେ । ସେମାନେ ରାଜାଙ୍କ ପାଖରେ ପହଞ୍ଚିବା ପରେ ବହୁତ ଜୋରରେ ନାଚିବାକୁ, ଡେଇଁବାକୁ ଓ ହସିବାକୁ ଲାଗିଲେ । ରାଜା ପଚାରିଲେ — ‘କଥା କ’ଣ ? ଏମିତି କାହିଁକି ହେଉଛ ?’ ସେମାନେ କହିଲେ — ‘ଆମକୁ ସାକ୍ଷାତ୍ ନାରାୟଣ ଦେଖାଯାଉଛନ୍ତି ।’

**ରାଜା —** ଆମକୁ କାହିଁକି ଦେଖାଯାଉନାହାନ୍ତି ?

**ନାରାୟଣଦର୍ଶୀ —** ଯେ ପର୍ଯ୍ୟନ୍ତ ନାକ ଥିବ ସେ ଯାଏ ଦେଖାଯିବେ ନାହିଁ । ଯେତେବେଳେ ନାକ କାଟିଦେବେ, ସେତେବେଳେ ନାରାୟଣ ପ୍ରତ୍ୟକ୍ଷ ଦେଖାଯିବେ ।

ରାଜା ବିଶ୍ୱାସ କରିଗଲେ ଯେ କଥାଟା ଠିକ୍ । ପ୍ରସ୍ତୁତ ହୋଇଗଲେ ନାକ କଟାଇବାକୁ । ଜ୍ୟୋତିଷଙ୍କୁ କହିଲେ — ‘ଶୁଭମୁହୂର୍ତ୍ତ ଦେଖନ୍ତୁ ।’ ଜ୍ୟୋତିଷ ଉତ୍ତର ଦେଲେ — ‘ଆଜ୍ଞା ମଣିମା ! ଦଶମୀ ଦିନ ସକାଳ ଆଠଟା ସୁଦ୍ଧା ନାକ କଟାଇବା ଓ ନାରାୟଣ ଦର୍ଶନ କରିବା ପାଇଁ ଅତ୍ୟନ୍ତ ଶୁଭମୁହୂର୍ତ୍ତ ।’ ବାଃରେ ପୋପ୍ ମହାଶୟ ! ନାକ କାଟିବା-କଟାଇବା ପାଇଁ ମଧ୍ୟ ଶୁଭ ମୁହୂର୍ତ୍ତ ତୁମ ପୋଥିରେ ଲେଖିଦେଇଛ !

ଯେତେବେଳେ ରାଜା ମଧ୍ୟ ନାକ କଟାଇବାର ଇଚ୍ଛା ବ୍ୟକ୍ତ କଲେ ଏବଂ ସେହି ହଜାରେ ନାକକଟାଙ୍କ ପାଇଁ ଦିବ୍ୟ ଭୋଜନର ବ୍ୟବସ୍ଥା କରିଦେଲେ, ସେତେବେଳେ ତ ସେମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ନାଚିବା, ଡେଇଁବା ଓ ଗୀତ ଗାଇବାକୁ ଲାଗିଲେ । ରାଜାଙ୍କ ନାକ କଟାଇହେବା ନିଷ୍ପତ୍ତି ରାଜାଙ୍କ ଦେଓ୍ୱାନ୍ ଆଦି କିଛି ବୁଦ୍ଧିମାନ୍ ଲୋକଙ୍କୁ ଠିକ୍ ଲାଗିଲା ନାହିଁ । ରାଜାଙ୍କ ପାଖରେ ଚାରି ପିଢ଼ୀର ୯୦ ବର୍ଷ ବୟସର ଜଣେ ବୃଦ୍ଧ ଦେଓ୍ୱାନ୍ ଥିଲେ । ତାଙ୍କ ପାଖକୁ ଯାଇ ତାଙ୍କ ଅଣନାତି, ଯିଏକି ସେ ସମୟରେ ଦେଓ୍ୱାନ୍ ଥିଲେ, ସବୁ କଥା ଶୁଣେଇଲେ । ସେ ବୃଦ୍ଧ ଦେଓ୍ୱାନ୍ ତାକୁ କହିଲେ — ‘ଏ ଦଳକ ଯାକ ଧୂର୍ତ୍ତ । ତୁ ମୋତେ ରାଜାଙ୍କ ନିକଟକୁ ନେଇଚାଲ ।’ ଅଣନାତି ତାଙ୍କୁ ରାଜାଙ୍କ ପାଖକୁ ନେଇଗଲେ । ରାଜା ତାଙ୍କୁ ପାଖରେ ବସାଇ ବଡ଼ ଆନନ୍ଦରେ ସେ ନାକକଟାଙ୍କ ଘଟଣା ଶୁଣାଇଲେ । ସବୁ ଶୁଣି ବୃଦ୍ଧ ଦେଓ୍ୱାନ୍ କହିଲେ — ‘ମହାରାଜ ! ଏତେ ତରବରରେ ଏଭଳି ନିଷ୍ପତ୍ତି ନ ନେବା ଉଚିତ । ପରୀକ୍ଷା ନ କରି କାମ କଲେ ପରେ ପଶ୍ଚାତ୍ତାପ କରିବାକୁ ପଡ଼ିଥାଏ ।’

**ରାଜା —** ଏ ହଜାରେ ଲୋକ କ’ଣ ମିଛ କହୁଥିବେ ?

**ଦେଓ୍ୱାନ୍ —** ମିଛ କହୁଥାନ୍ତୁ କି ସତ କହୁଥାନ୍ତୁ, ବିନା ପରୀକ୍ଷାରେ ସତ କି ମିଛ କେମିତି କୁହାଯାଇପାରିବ ?

**ରାଜା —** ଆଚ୍ଛା, ତେବେ ପରୀକ୍ଷା କେମିତି କରାଯିବ ?

**ଦେୱାନ୍ —** ବିଦ୍ୟା, ସୃଷ୍ଟି-ନିୟମ, ପ୍ରତ୍ୟକ୍ଷାଦି ପ୍ରମାଣ ଦ୍ୱାରା ।

**ରାଜା —** ଯିଏ ପଢ଼ି ନ ଥିବ, ସିଏ କିପରି ପରୀକ୍ଷା କରିବ ?

**ଦେୱାନ୍ —** ବିଦ୍ୱାନମାନଙ୍କ ସଙ୍ଗ ଦ୍ୱାରା ଜ୍ଞାନ ବୃଦ୍ଧି କରି ।

**ରାଜା —** ବିଦ୍ୱାନ୍ ଯଦି ନ ମିଳନ୍ତି ?

**ଦେୱାନ୍ —** ପୁରୁଷାର୍ଥୀ ବ୍ୟକ୍ତି ପାଇଁ କିଛି ଦୁର୍ଲଭ ନାହିଁ ।

**ରାଜା —** ତେବେ ଆପଣ କୁହନ୍ତୁ, ବର୍ତ୍ତମାନ କ'ଣ କରାଯିବ ?

**ଦେୱାନ୍ —** ମୁଁ ବୁଢ଼ା ହେଲିଣି । କେବଳ ଘରେ ବସିରହିଛି । ବେଶି ଦିନ ବଞ୍ଚିବାର ଆଶା ନାହିଁ । ତେଣୁ ପ୍ରଥମେ ମୁଁ ପରୀକ୍ଷା କରିନେଉଛି । ତା'ପରେ ଆପଣ ଯାହା ଉଚିତ ମଣିବେ, ତାହା କରିବେ ।

**ରାଜା —** ଅତି ଉତ୍ତମ ପ୍ରସ୍ତାବ । ଜ୍ୟୋତିଷୀ ମହାଶୟ ! ଦେୱାନଙ୍କ ନାକକଟା ପାଇଁ ଶୁଭମୁହୂର୍ତ୍ତ ଦେଖ ।

**ଜ୍ୟୋତିଷୀ —** ମଣିମାଙ୍କ ଯାହା ଆଦେଶ । ଏହି ଶୁକ୍ଳ ପକ୍ଷ ପଞ୍ଚମୀ ଦିନ ୧୦ଟାର ମୁହୂର୍ତ୍ତ ଶୁଭ ।

ପଞ୍ଚମୀ ଦିନ ସକାଳ ଆଠଟା ସମୟରେ ବୃଦ୍ଧ ଦେୱାନ୍ ରାଜାଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ — 'ମଣିମା ! ହଜାରେ-ଦି ହଜାର ସୈନ୍ୟ ସାଙ୍ଗରେ ନେଇ ଯିବା ।'

**ରାଜା —** ସେଠାରେ ସୈନ୍ୟଙ୍କର କ'ଣ କାମ ?

**ଦେୱାନ୍ —** ରାଜ୍ୟବ୍ୟବସ୍ଥା ସମ୍ପର୍କରେ ଆପଣଙ୍କର ଅନୁଭବ କମ୍ । ମୁଁ ଯେମିତି କହୁଛି, ଦୟାକରି ସେମିତି କରନ୍ତୁ ।

**ରାଜା —** ଆଚ୍ଛା, ଠିକ୍ ଅଛି, ଚାଲନ୍ତୁ । ସେନାପତି ! ସେନା ପ୍ରସ୍ତୁତ କର ।

ରାଜା ପାଲିଙ୍କି ଚଢ଼ି ଦଳ-ବଳ ସହ ସାଢ଼େ ନଅଟା ସମୟରେ ଯଥା ସ୍ଥାନରେ ଯାଇ ପହଞ୍ଚିଲେ । ରାଜାଙ୍କୁ ଦେଖି ସେ ନାକକଟାମାନେ ନାଚିବା-ଗାଇବାକୁ ଲାଗିଲେ । ରାଜା ଯାଇ ବସିଲେ । ସେମାନଙ୍କ ମହନ୍ତ, ଯାହାରକି ପ୍ରଥମେ ନାକ କଟା ହୋଇଥିଲା ଓ ସେହି ସମ୍ପ୍ରଦାୟ ଆରମ୍ଭ କରିଥିଲା, ତାକୁ ଡାକି ରାଜା କହିଲେ — 'ଆଜି ଆମ ଦେୱାନଙ୍କୁ ନାରାୟଣ ଦର୍ଶନ କରାଅ ।' ସେ କହିଲା — 'ଠିକ୍ ଅଛି ।'

ଯେତେବେଳେ ଦଶଟା ବାଜିଲା ସେତେବେଳେ ଜଣେ ଲୋକ ଗୋଟିଏ ଥାଳି ନେଇ ଦେୱାନଙ୍କ ମୁହଁ ପାଖରେ ନାକ ତଳେ ଧରି ରଖିଲା । ମହନ୍ତ ଗୋଟିଏ ଧାରୁଆ ଛୁରୀ ନେଇ ଦେୱାନଙ୍କ ନାକ କାଟି ଥାଳିରେ ପକେଇଲା । ଦେୱାନଙ୍କ ନାକରୁ ରକ୍ତର ଧାର ଛୁଟିଲା । ତାଙ୍କ ମୁହଁ ଯନ୍ତ୍ରଣାରେ ବିକୃତ ହୋଇଗଲା ଓ କଳା ପଡ଼ିଗଲା । ତୁରନ୍ତ ସେ ଧୂର୍ତ୍ତ ଦେୱାନଙ୍କ କାନରେ ମନ୍ତ୍ରୋପଦେଶ ଦେଲା — "ଆପଣ ବି ହସି-ହସି ସମସ୍ତଙ୍କୁ କହନ୍ତୁ କି 'ମୋତେ ନାରାୟଣ ଦେଖାଯାଉଛନ୍ତି ।' କାରଣ ନାକ ତ କଟିଗଲାଣି, ଆଉ ଫେରି ଆସିବ ନାହିଁ । ଯଦି ଏପରି ନ କହନ୍ତି ତେବେ ଆପଣଙ୍କୁ ସମସ୍ତେ ବହୁତ ଥଟ୍ଟା-ଉପହାସ କରିବେ ।" ଏତିକି ଉପଦେଶ ଦେଇ ସେ ଧୂର୍ତ୍ତ ତାଙ୍କଠୁ ଅଲଗା ହେଲା । ଦେୱାନ୍ ଗାମୁଛାରେ ନାକକୁ ଚାପିଧରିଲେ । ରାଜା ଦେୱାନଙ୍କୁ ପଚାରିଲେ — 'କ'ଣ ? ନାରାୟଣ ଦେଖାଯାଉଛନ୍ତି ନା ନାହିଁ ?' ଦେୱାନ୍ ରାଜାଙ୍କ କାନରେ ଧୀରେ କହିଲେ — 'କିଛି ଦେଖାଯାଉନାହିଁ । ବୃଥାରେ ଏ ଧୂର୍ତ୍ତ ହଜାର-ହଜାର ଲୋକଙ୍କ ଚେହେରା ନଷ୍ଟ-ଭ୍ରଷ୍ଟ କଲା ।' ରାଜା ଦେୱାନଙ୍କୁ ପଚାରିଲେ — 'ବର୍ତ୍ତମାନ କ'ଣ

**ଅବଶିଷ୍ଟାଂଶ ୨୧ ପୃଷ୍ଠାରେ**

# ବେଦଧାମ ନିର୍ମାଣ ଯୋଜନା

ବେଦଧାମର ବ୍ୟବସ୍ଥିତ ନିର୍ମାଣ ନିମନ୍ତେ ଅର୍ଥସଂଗ୍ରହ, ରୂପରେଖା ପ୍ରସ୍ତୁତି, ନିର୍ମାଣ ଦାୟିତ୍ୱ ବିତରଣ ଓ କାର୍ଯ୍ୟ ତଦାରଖ ଆଦିକୁ ଉତ୍ତମ ରୂପେ ସଂପାଦନ କରିବା ସକାଶେ ଅକ୍ଟୋବର ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଜୀବନ ନିର୍ମାଣ ଶିବିର ଅବସରରେ ପ୍ରିୟେଶ ଦର୍ଶନାଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ **'ବେଦଧାମ ନିର୍ମାଣ ସମିତି'** ନାମକ ଏକ ସମିତି ଗଠନ କରାଯାଇଛି। ଶ୍ରୀମାନ୍ ପଦ୍ମନାଭ ସ୍ୱାଇଁ, ଇଂ. ଇ. କୁମାର ସ୍ୱାମୀ, ଇଂ. ନାରାୟଣ ପଣ୍ଡା ଓ ଡାକ୍ତର ସୁକାନ୍ତି ଦାସ ଏଥିରେ ସଂଯୋଜକ ଭାବେ ରହିଛନ୍ତି। ଶ୍ରୁତିନ୍ୟାସର ସକଳ ଶୁଭେଚ୍ଛୁ-ସହଯୋଗୀଙ୍କ ସହ ଆବଶ୍ୟକତା ଅନୁସାରେ ଯୋଗାଯୋଗ କରି ନିର୍ମାଣ ସମ୍ବନ୍ଧୀୟ ସମସ୍ତ ଅନ୍ତିମ ନିର୍ଣ୍ଣୟ ନେବା ଓ ଅନ୍ୟମାନଙ୍କ ସହଯୋଗରେ ତାକୁ ଉଚିତ ରୂପେ କ୍ରିୟାନ୍ୱୟନ କରାଇବା ଦାୟିତ୍ୱ ଏହି ୫ ଜଣଙ୍କ ଉପରେ ନ୍ୟସ୍ତ କରାଯାଇଛି। ଉପସ୍ଥିତ ଶିବିରାର୍ଥୀଙ୍କ ମଧ୍ୟରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୩୦ ଜଣ ବ୍ୟକ୍ତିଙ୍କୁ ଏହି ସମିତିର ସଦସ୍ୟ କରାଯାଇଛି। କାର୍ଯ୍ୟର ଆବଶ୍ୟକତା ଅନୁସାରେ ବିବିଧ କାର୍ଯ୍ୟରେ ଯେଉଁମାନେ ଶ୍ରଦ୍ଧାପୂର୍ବକ ସହଯୋଗ କରିବାକୁ ଚାହିଁବେ ସେମାନଙ୍କୁ ନେଇ ସମିତିର ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରାଯିବ।

ବେଦଧାମକୁ ଶ୍ରୁତିନ୍ୟାସର ବହୁମୁଖୀ ଗତିବିଧିର କେନ୍ଦ୍ର ରୂପେ ବ୍ୟବସ୍ଥିତ ଓ ଯୋଜନାବଦ୍ଧ ଭାବେ ପର୍ଯ୍ୟାୟକ୍ରମେ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବାନପ୍ରସ୍ଥ-ସାଧକ ଅଶ୍ରମ ନିର୍ମାଣ କରାଯିବା ପାଇଁ ନିର୍ଣ୍ଣୟ ନିଆଯାଇଛି। ଏଥିରେ ପ୍ରାୟ ୪୦ଟି କକ୍ଷ ନିର୍ମାଣ କରାଯିବ। ଆବଶ୍ୟକତାନୁସାରେ ଏହି ଅଟ୍ଟାଳିକା ପ୍ରାୟ ୪ ମହଲା ବିଶିଷ୍ଟ କରାଯିବ। ପ୍ରତ୍ୟେକ କକ୍ଷ ପ୍ରାୟ ୪୨୦ ବର୍ଗ ଫୁଟ(ବାରଣ୍ଡା ସହ) ବିଶିଷ୍ଟ ହେବ। ପ୍ରତ୍ୟେକ କକ୍ଷର ନିର୍ମାଣ ବ୍ୟୟ ପ୍ରାୟ ୬ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଅଟକଳ କରାଯାଇଛି। କିନ୍ତୁ ଯେଉଁମାନେ ନିଜ ନାମରେ ବା ନିଜ ମାତା-ପିତା କିମ୍ବା ଅନ୍ୟ ପ୍ରିୟଜନଙ୍କ ସ୍ମୃତିରେ କକ୍ଷ ନିର୍ମାଣ କରାଇବାକୁ ଚାହାନ୍ତି ସେମାନଙ୍କ ଠାରୁ ଗୋଟିଏ କକ୍ଷ ପାଇଁ ଅନ୍ୟୂନ ୫ ଲକ୍ଷ ଟଙ୍କା ଦାନ ଗ୍ରହଣ କରାଯିବା ପାଇଁ ସ୍ଥିର କରାଯାଇଛି। ଯେଉଁମାନେ ଚାହିଁବେ ସେମାନେ କକ୍ଷ ନିର୍ମାଣର ସମ୍ପୂର୍ଣ୍ଣ ବ୍ୟୟ ବି ଦେଇପାରିବେ, ଅଧିକ ବି ଦେଇପାରିବେ। ଯେଉଁମାନେ କକ୍ଷ ନିର୍ମାଣ କରାଇବାକୁ ଚାହାନ୍ତି ସେମାନେ ଜାନୁଆରୀ-୨୦୨୦ ସୁଦ୍ଧା ଅନ୍ୟୂନ ୧ ଲକ୍ଷ ଟଙ୍କା ଅଗ୍ରୀମ ଦେଇ କକ୍ଷ ସଂରକ୍ଷଣ କରିବାକୁ ଅନୁରୋଧ। ବକେୟା ଟଙ୍କା ପରବର୍ତ୍ତୀ ସମୟରେ ଏକକାଳୀନ ବା ୨-୩ ବର୍ଷରେ ପର୍ଯ୍ୟାୟକ୍ରମେ ପୈଠ କରିପାରିବେ। ସମ୍ପୂର୍ଣ୍ଣ ଅର୍ଥ ମିଳିବା କ୍ରମରେ କକ୍ଷ ଆବଣ୍ଟନ କରାଯିବ। ବାନପ୍ରସ୍ଥ-ସାଧକ ଅଶ୍ରମର ନିର୍ମାଣ କାର୍ଯ୍ୟ ଆପାତତଃ ଆସନ୍ତା ଫେବୃଆରୀ ମାସରୁ ଅରମ୍ଭ ହେବ। ତଦନନ୍ତର କୌଣସି ନୂତନ ବ୍ୟକ୍ତି କକ୍ଷ ଚାହିଁଲେ ଯୋଗାଇବା ସମ୍ଭବପର ନୁହେଁ।

ବର୍ତ୍ତମାନ ସୁଦ୍ଧା ୫ ଜଣ ସଦସ୍ୟ ୫ ଲକ୍ଷ ଟଙ୍କା ଲେଖାଏଁ ଦେଇ ଏବଂ ୬ ଜଣ ସଦସ୍ୟ ୨ ଲକ୍ଷ ବା ତଦୂର୍ଦ୍ଧ୍ୱ ଲେଖାଏଁ ଟଙ୍କା ଦେଇ କକ୍ଷ ସଂରକ୍ଷଣ କରିସାରିଛନ୍ତି। ଆଗ୍ରହୀ ସଜ୍ଜନ ସଂପର୍କ କରନ୍ତୁ.....

**ସମ୍ପାଦକ**

**୭୦୦୮୦୫୮୨୪୨/୯୮୬୧୩୩୫୩୨୧**

# ଶ୍ରୁତିସୌରଭ ସମ୍ମାନ

ଆପଣମାନଙ୍କ ସ୍ନେହ-ଶ୍ରଦ୍ଧା-ସହଯୋଗକୁ ପାଥେୟ କରି 'ଶ୍ରୁତିସୌରଭ' ନିରନ୍ତର ପ୍ରଗତି ପଥରେ ଅଗ୍ରସର ହୋଇଚାଲିଛି। ସମସ୍ତଙ୍କୁ ଆମେ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । 'ଶ୍ରୁତିସୌରଭ' ପତ୍ରିକାର ଅଧିକ ସଂଖ୍ୟକ ଆଜୀବନ ସଦସ୍ୟ କରିବାରେ ଯେଉଁମାନଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି, କୃତଜ୍ଞତା ପ୍ରଦର୍ଶନ ସ୍ୱରୂପ ଶ୍ରୁତିନ୍ୟାସ ପକ୍ଷରୁ ଚଳିତ ଅକ୍ଟୋବର ୧୦,୧୧,୧୨ରେ ଭୁବନେଶ୍ୱରରେ ଅନୁଷ୍ଠିତ ଜୀବନ ନିର୍ମାଣ ଶିବିର ଅବସରରେ ସେମାନଙ୍କୁ ବିବିଧ ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନେ ହେଲେ—

## ଶ୍ରୁତିଭଗୀରଥ ସମ୍ମାନ(୧୦୦ ବା ତଦୂର୍ଦ୍ଧ୍ୱ ଆଜୀବନ ସଦସ୍ୟ କରିଥିବା ବ୍ୟକ୍ତି) —

୧. ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟ (ବାଲେଶ୍ୱର), ୨. ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ (କଟକ), ୩. ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ (ଭୁବନେଶ୍ୱର)।

## ଶ୍ରୁତିସୁଧାସେଚକ ସମ୍ମାନ(୫୦ ରୁ ୯୯ ଆଜୀବନ ସଦସ୍ୟ କରିଥିବା ବ୍ୟକ୍ତି) —

୧. ଇଂ. ନାରାୟଣ ପଣ୍ଡା (ବ୍ରହ୍ମପୁର), ୨. ଶ୍ରୀମାନ୍ ରୁକ୍ମଣ ମହାପାତ୍ର (ବରଗଡ଼), ୩. ଇଂ. ଦୟାସାଗର ସାହୁ (ବ୍ରହ୍ମପୁର), ୪. ଶ୍ରୀମାନ୍ ଆର୍. ମୋହନ ରେଡ୍ଡି (ବ୍ରହ୍ମପୁର), ୫. ଶ୍ରୀମାନ୍ ପଙ୍କଜ ମେହେର (ସୋନପୁର), ୬. ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ (କଟକ)।

## ଶ୍ରୁତିସୌରଭ ପ୍ରସାରକ ସମ୍ମାନ(୨୦ ରୁ ୪୯ ଆଜୀବନ ସଦସ୍ୟ କରିଥିବା ବ୍ୟକ୍ତି)—

୧. ସୁଶ୍ରୀ ଶୁଭଶ୍ରୀ ମହାପାତ୍ର (ବାଲେଶ୍ୱର), ୨. ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ (ଭଞ୍ଜନଗର), ୩. ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ (ପଦ୍ମପୁର), ୪. ଶ୍ରୀମତୀ ରାସେଶ୍ୱରୀ ଦେଇ (ରାଉରକେଲା), ୫. ଶ୍ରୀମାନ୍ ସୁନୀଲ କୁମାର ଗରିଆ (ସୋନପୁର), ୬. ଶ୍ରୀମତୀ ପ୍ରଣତି ରାୟ (କଟକ), ୭. ଶ୍ରୀମାନ୍ ରବିନାରାୟଣ ପ୍ରଧାନ (ପୁରୀ), ୮. ଇଂ. ଇ. କୁମାର ସ୍ୱାମୀ (ଭୁବନେଶ୍ୱର), ୯. ଡାକ୍ତର ସୁକାନ୍ତି ଦାସ (ବାଲେଶ୍ୱର), ୧୦. ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି (ବ୍ରହ୍ମପୁର), ୧୧. ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ (ଖୋର୍ଦ୍ଧା), ୧୨. ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ (ବାଲିମେଳା), ୧୩. ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ (ଟିଟିଲାଗଡ଼), ୧୪. ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର (ଭୁବନେଶ୍ୱର), ୧୫. ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା (ବରଗଡ଼), ୧୬. ଶ୍ରୀମାନ୍ ପୀତବାସ ଦଳେଇ (ରାଉରକେଲା), ୧୭. ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ (ଟିଟିଲାଗଡ଼), ୧୮. ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ (ରାଉରକେଲା), ୧୯. ଶ୍ରୀମାନ୍ ଦିବାକର ବାରିକ (ରାଉରକେଲା),୨୦. ଡକ୍ଟର ଲଳିତ ମଞ୍ଜରୀ ସାହୁ (ରାଉରକେଲା), ୨୧. ଶ୍ରୀମାନ୍ ରାଜକିଶୋର ସାହୁ (ରାୟଗଡ଼ା)।

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି। ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୫୬୫ | ୨୪୪ | ୮୦୯ | ୧୭. | ଜଗତସିଂହପୁର | ୩୧ | ୦୦ | ୩୧ |
| ୦୨. | ଖୋର୍ଦ୍ଧା | ୩୬୮ | ୭୨ | ୪୪୦ | ୧୮. | ନୟାଗଡ଼ | ୨୩ | ୦୨ | ୨୫ |
| ୦୩. | କଟକ | ୩୨୩ | ୭୪ | ୩୯୭ | ୧୯. | ଭଦ୍ରକ | ୨୨ | ୨୩ | ୪୫ |
| ୦୪. | ସୁନ୍ଦରଗଡ଼ | ୨୮୧ | ୧୩୨ | ୪୧୩ | ୨୦. | ବୌଦ୍ଧ | ୨୨ | ୧୪ | ୩୬ |
| ୦୫. | ବରଗଡ଼ | ୨୩୭ | ୧୨୧ | ୩୫୮ | ୨୧. | ଢେଙ୍କାନାଳ | ୨୦ | ୨୯ | ୪୯ |
| ୦୬. | ବାଲେଶ୍ୱର | ୨୦୨ | ୦୭ | ୨୦୯ | ୨୨. | ଝାରସୁଗୁଡ଼ା | ୧୭ | ୦୧ | ୧୮ |
| ୦୭. | କୋରାପୁଟ | ୧୧୨ | ୨୬ | ୧୩୮ | ୨୩. | କେନ୍ଦୁଝର | ୧୬ | ୦୧ | ୧୭ |
| ୦୮. | ବଲାଙ୍ଗିର | ୧୦୯ | ୧୭ | ୧୨୬ | ୨୪. | କଳାହାଣ୍ଡି | ୧୫ | ୦୧ | ୧୬ |
| ୦୯. | ସୁବର୍ଣ୍ଣପୁର | ୯୩ | ୭୨ | ୧୬୫ | ୨୫. | ଗଜପତି | ୧୧ | ୦୩ | ୧୪ |
| ୧୦. | ସମ୍ବଲପୁର | ୬୫ | ୩୧ | ୯୬ | ୨୬. | ଯାଜପୁର | ୦୯ | ୦୪ | ୧୩ |
| ୧୧. | ରାୟଗଡ଼ା | ୬୪ | ୦୭ | ୭୧ | ୨୭. | କେନ୍ଦ୍ରାପଡ଼ା | ୦୭ | ୧୧ | ୧୮ |
| ୧୨. | ମୟୂରଭଞ୍ଜ | ୫୯ | ୧୧ | ୭୦ | ୨୮. | ଦେବଗଡ଼ | ୦୫ | ୦୦ | ୦୫ |
| ୧୩. | ଅନୁଗୁଳ | ୫୫ | ୦୮ | ୬୩ | ୨୯. | ନୂଆପଡ଼ା | ୦୨ | ୦୦ | ୦୨ |
| ୧୪. | କନ୍ଧମାଳ | ୫୦ | ୭୧ | ୧୨୧ | ୩୦. | ନବରଙ୍ଗପୁର | ୦୧ | ୦୧ | ୦୨ |
| ୧୫. | ପୁରୀ | ୪୬ | ୦୧ | ୪୭ | ୩୧. | ଅନ୍ୟାନ୍ୟ | ୬୦ | ୦୦ | ୬୦ |
| ୧୬. | ମାଲକାନଗିରି | ୩୫ | ୫୭ | ୯୨ | | **ମୋଟ** | **୨୯୨୬** | **୧୦୪୫** | **୩୯୭୧** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି। ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟ | ବାଲେଶ୍ୱର | ୧୨୪ | ୦୦ |
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୧୮ | ୦୫ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୧୦୦ | ୦୪ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୮୪ | ୩୧ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୭୪ | ୨୦ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୭୨ | ୦୭ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୬୯ | ୧୦୧ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୫୯ | ୩୦ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୫୪ | ୦୬ |
| ଶ୍ରୀମାନ୍ ଶ୍ରୀବସ୍ତ ପାଣିଗ୍ରାହୀ | କଟକ | ୫୨ | ୪୯ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୪୨ | ୧୨ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୮ | ୬୦ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୧ | ୦୧ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୩୧ | ୦୦ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୩୦ | ୦୨ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୦୦ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୨୮ | ୦୭ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୮ | ୦୦ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୨୭ | ୦୫ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୭ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୫ | ୫୦ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୨୫ | ୦୦ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୨୪ | ୦୧ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୨୩ | ୦୨ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୨୨ | ୨୧ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୨୨ | ୧୨ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୨ | ୦୦ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୨୦ | ୧୧ |
| ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୨୦ | ୦୫ |
| ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୨୦ | ୦୧ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୨୦ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୨୦ | ୦୦ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୦୦ |
| ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୧୭ | ୧୬ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୧୭ | ୦୩ |
| ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୭ | ୦୧ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୧୬ | ୪୭ |
| ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୬ | ୦୭ |
| ଇଂ. କାଳୁଚରଣ ବେହେରା | କଟକ | ୧୬ | ୦୦ |
| ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୫ | ୨୩ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୫ | ୧୨ |
| ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୪ | ୦୨ |
| ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୪ | ୦୩ |
| ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୧୪ | ୦୨ |
| ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୧୪ | ୦୦ |
| ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୧୩ | ୦୧ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୧୩ | ୦୦ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୧୩ | ୦୦ |
| ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର | | ୧୩ | ୦୦ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୧୨ | ୧୦ |
| ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୧ |
| ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୧୨ | ୦୧ |
| ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୧୨ | ୦୦ |
| ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୧୨ | ୦୦ |
| ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୧ | ୨୭ |
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୧୧ | ୨୭ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୧ | ୦୩ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୧୧ | ୦୦ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |

| | | | |
|---|---|---|---|
| ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୦ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୧୧ | ୦୦ |
| ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୧ | ୦୦ |
| ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୧୧ | ୦୦ |
| ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଶ୍ରୀମତୀ ଗୀତାଞ୍ଜଳି ପାଣିଗ୍ରାହୀ | ବାଲେଶ୍ୱର | ୧୧ | ୦୦ |
| ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ବେଦ ପ୍ରଚାର ସମିତି, କଟକ | | ୧୧ | ୦୦ |
| ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୦ |
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୦ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ବେଦ ପ୍ରଚାର ସମିତି, ଜୟପୁର | | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୯ | ୧୬ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୯ | ୦୯ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୯ | ୦୪ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୯ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୯ | ୦୦ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୧୩ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୮ | ୦୮ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୮ | ୦୯ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୮ | ୦୬ |
| ଶ୍ରୀମାନ୍ ଶିବ ସେଠୀ | ଖୋର୍ଦ୍ଧା | ୦୮ | ୦୪ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୮ | ୦୨ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୮ | ୦୨ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ଯାଜ୍ଞବଲକ୍ୟ ମିଶ୍ର | ସୁନ୍ଦରଗଡ଼ | ୦୮ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୮ | ୦୦ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୮ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୦୦ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଡକ୍ଟର ପ୍ରମୋଦ କୁମାର ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ରମେଶ ଜେନା | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୭ | ୩୨ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୭ | ୧୩ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୭ | ୧୩ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ଖୋର୍ଦ୍ଧା | ୦୭ | ୦୮ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ପ୍ରଭାତ କୁମାର ମାଝୀ | କୋରାପୁଟ | ୦୭ | ୦୧ |
| ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୭ | ୦୦ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୭ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୭ | ୦୦ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମତୀ ନିତମ୍ବିନୀ ସ୍ୱାଇଁ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୬ | ୧୧ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୬ | ୦୫ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୬ | ୦୬ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୦୫ |
| ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୦୬ | ୦୨ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୬ | ୦୨ |
| ଶ୍ରୀମତୀ ସୁବାସିନୀ ଦେବୀ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ଅନିଲ କୁମାର ମହାପାତ୍ର | ଖୋର୍ଦ୍ଧା | ୦୬ | ୦୦ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୧ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |

(କ୍ରମଶଃ...)



ସୁନୀଲ କୁମାର ଗରିଆଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ଇଂ. ଇ. କୁମାର ସ୍ୱାମୀଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ଡାକ୍ତର ସୁକାନ୍ତି ଦାସଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ସଂଗ୍ରାମ କେଶରୀ ମହାନ୍ତିଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ଆନନ୍ଦ ସାମନ୍ତରାୟଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ପୁଷ୍ପାଞ୍ଜଳି ପାତ୍ରଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ସୁରେଶ୍ୱରୀ ପଣ୍ଡାଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ପୀତବାସ ଦଳାଇଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ଡକ୍ଟର ଲଳିତ ମଞ୍ଜରୀ ସାହୁଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ

RNI Regn. No. : ODIODI/2015/65938
₹ 20/- Shruti Sourabha Vol. 4 Issue 6 Sept. - Oct. 2019




ଜୀବନ ନିର୍ମାଣ ଶିବିର
ଅବସରରେ ଓଡ଼ିଶାର
ମହାମହିମ ରାଜ୍ୟପାଳ
ପ୍ରଫେସର ଗଣେଶୀ ଲାଲ୍‌ଙ୍କ
ଦ୍ୱାରା 'ସତ୍ୟର ସନ୍ଧାନେ'
(ଦ୍ୱିତୀୟ ଭାଗ)
ପୁସ୍ତକର ଉନ୍ମୋଚନ




ଜୀବନ ନିର୍ମାଣ ଶିବିର
ଅବସରରେ ଓଡ଼ିଶାର
ମହାମହିମ ରାଜ୍ୟପାଳ
ପ୍ରଫେସର ଗଣେଶୀ ଲାଲ୍‌ଙ୍କ
ଦ୍ୱାରା 'ଈଶ୍ୱରଙ୍କ ନାମ'
ପୁସ୍ତକ ଉନ୍ମୋଚନ

## Shruti Sourabha

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**